# ବିକାଶରେ ବାଧକ ତାମିଲବାବୁ: ଯୋଗୀ

**କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର**

- ଭାଜପାର ବିଜୟ ସଂକଳ୍ପ ସମାବେଶ
- ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଛନ୍ତି ରାଜ୍ୟ ସରକାର

ନିଶ୍ଚିନ୍ତକୋଇଲି/ ସାଲେପୁର, ୨୩।୫ (ଅଶୋକ କୁମାର ମହାପାତ୍ର/ ଅରବିନ୍ଦ ଭୂୟାଁ)



ସମାବେଶରେ ୟୁ.ପି. ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ସଂସଦୀୟ କ୍ଷେତ୍ରରେ ୭ ଭାଜପା ପ୍ରାର୍ଥୀ।

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର କଟକ ଜିଲା ଅଧୀନ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆପଡ଼ିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇ ନବୀନ ପଟ୍ଟନାୟକ ଓ ବିଜେଡି ସରକାର କଟୁ ସମାଲୋଚନା କରିଥିଲେ। ଓଡ଼ିଶାରେ ନବୀନ ୨୫ ବର୍ଷ ଶାସନ କରିଥିଲେ ମଧ୍ୟ ରାଜ୍ୟର ବିକାଶ ହୋଇପାରିନି। ବାବୁରାଜଙ୍କ ଚକରରେ ନବୀନବାବୁ ପଡ଼ିଛନ୍ତି। ବିକାଶରେ ବାଧା ଉପୁଯାଇଛନ୍ତି ତାମିଲ ବାବୁ। ବାବୁ ବିକାଶ ପରିବର୍ତ୍ତେ ଓଡ଼ିଶାକୁ ୫୦ ବର୍ଷ ତଳକୁ ନେଇଯାଇଛନ୍ତି। ତାମିଲ ବାବୁ ଓଡ଼ିଶାକୁ ଲୁଣ୍ଠନ କରି ଚାଲିଛନ୍ତି। କେନ୍ଦ୍ରର ଆୟୁଷ୍ମାନ ଯୋଜନାକୁ ଲାଗୁ କରାଉନାହାନ୍ତି। ତାଙ୍କ ପର୍ସେଣ୍ଟ ବେପାର ବନ୍ଦ ହୋଇଯିବ। ତାମିଲ ବାବୁ ଓଡ଼ିଆ ଅସ୍ମିତା ସହ ଖେଳ ଖେଳୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଠାଉଥିବା ଚାଉଳରେ ନବୀନ ଷ୍ଟାମ୍ପ ମାରି ବାହାବା ନେଉଛନ୍ତି। ନିଜ ରାଜ୍ୟ ଉତ୍ତରପ୍ରଦେଶର ଉଦାହରଣ ଦେଇ କହିଥିଲେ ଯେ, ଉତ୍ତରପ୍ରଦେଶରେ ମାଫିଆରାଜ ଶେଷ ହୋଇଛି। ଅପରାଧୀ ଓ ମାଫିଆଙ୍କୁ ଓଲଟା ଲଟକାଇ ରାମନାମ ସତ୍ୟ ହେ କରାଯାଇଛି। କିନ୍ତୁ ଓଡ଼ିଶାରେ ତାମିଲ ବାବୁ ଲ୍ୟାଣ୍ଡ, ସ୍ୟାଣ୍ଡ ଓ ମାଇନିଂ ମାଫିଆଙ୍କୁ ପ୍ରଶ୍ରୟ ଦେଉଛନ୍ତି। ଓଡ଼ିଶାର ଖଣି ପାଣି ଲୁଟ ଚାଲିଥିବା ବେଳେ ନବୀନ ପଟ୍ଟନାୟକ ନୀରବ ଧୃତରାଷ୍ଟ୍ର ସାଜିଛନ୍ତି। ଓଡ଼ିଶାରେ ସାଧାରଣ ଲୋକଙ୍କ ପାଇଁ ବିଜୁଳି ମହଙ୍ଗା ହେଉଥିବା ବେଳେ ତାମିଲନାଡୁକୁ ଶସ୍ତାରେ ବିକୁଛନ୍ତି। ନବୀନବାବୁଙ୍କ ଶାସନ ସମୟରେ ରାଜ୍ୟରେ ଭ୍ରଷ୍ଟାଚାର ଦୁର୍ନୀତି ଓ ଅପରାଧ ବଢ଼ି ଚାଲିଛି। ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକାରୀଙ୍କୁ ବିଜେଡି ସରକାର ଘଣ୍ଟ ଘୋଡାଉଛି। ଡବଲ ଇଞ୍ଜିନ ସରକାର ଆସିଲେ ଓଡ଼ିଶାରେ ମାଫିଆ ରାଜର ବିଲୋପ ହେବ ଓ ଉତ୍ତରପ୍ରଦେଶ ପରି ଏଠି ବି ବୁଲଡୋଜର ଚାଲିବ ବୋଲି ଯୋଗୀ ପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ସରକାର ଆସିଲେ ପ୍ରତି ଲୋକଙ୍କୁ ଛାତ ଘର ଓ ଘରେ ଘରେ ପାଇପରେ ଜଳ ମିଳିବ। ଜୁନ ୪ରେ ବିଜେଡି ଶୂନ ହୋଇଯିବ। ଓଡ଼ିଶାରେ ପଦ୍ମ ଫୁଟିବ ଓ ଶଙ୍ଖ ଫାଟିବ ବୋଲି କହିଥିଲେ।

କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଯୋଗଦେଇ କେନ୍ଦ୍ରାପଡ଼ାକୁ ଦାଦନ ମୁକ୍ତ ଓ ଶିଳ୍ପ ସମୃଦ୍ଧି କରିବା ପାଇଁ କହିଥିଲେ। ମାହାଙ୍ଗା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ କହିଥିଲେ ଯେ, ମାହାଙ୍ଗାରେ ଦୁର୍ନୀତି ଭ୍ରଷ୍ଟାଚାର ଓ ଅପରାଧ ବଢିଚାଲିଛି। ଡବଲ ମର୍ଡର ଘଟଣା ନେଇ ସେ ମାହାଙ୍ଗା ବିଧାୟକଙ୍କୁ ଟର୍ଗେଟ କରିଥିବା ବେଳେ ତାଙ୍କ ପୁଅକୁ ମଧ୍ୟ ସମାଲୋଚନା କରିବା ପାଇଁ ପଛାଇ ନ ଥିଲେ। ବିକଶିତ ମାହାଙ୍ଗା ଗଠନ ପାଇଁ ଏଥର ପରିବର୍ତ୍ତନ ସ୍ୱର ଜୋର ଧରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ପାଟକୁରା ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡା, ମହାକାଳପଡ଼ାର ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ, ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ଦାସ, ସଂଖ୍ୟାଲଘୁ ସେଲର ନେତା ସଲିମ ଖାଁ, ଏସ୍‌ସି ମୋର୍ଚ୍ଚାର କଳ୍ପନା ମଲିକ, ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜ ନିର୍ବାଚନମଣ୍ଡଳୀ ସପକ୍ଷରେ କହିବା ସହ ଭାଜପାକୁ କ୍ଷମତାସୀନ କରାଇବା ପାଇଁ ଭୋଟ ଭିକ୍ଷା କରିଥିଲେ। ଶେଷରେ ବିନୋଦ ଦାସ ଧନ୍ୟବାଦ ଦେଇଥିଲେ। କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସମସ୍ତ ବିଧାନସଭାର ବହୁ ଭାଜପା ନେତା, କର୍ମକର୍ତ୍ତା ସମାବେଶରେ ଯୋଗଦେଇଥିଲେ। ହେଲିକପ୍ଟର ଯୋଗେ ଯୋଗୀ ଆଦିତ୍ୟନାଥ ଅପରାହ୍ନ ୧ଟା ୫ମିନିଟରେ ଅବତରଣ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ।

### ଗଣମାଧ୍ୟମକୁ ପାଣି ପାଉଚ ମାଡ଼ କଲେ କର୍ମୀ

ମାହାଙ୍ଗା ବିଧାନସଭା କ୍ଷେତ୍ର ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆ ପଡିଆରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଯୋଗୀ ଆଦିତ୍ୟନାଥ ଯୋଗଦେବା ଅବସରରେ ବିଭିନ୍ନ ଅଞ୍ଚଳରୁ ଗଣମାଧ୍ୟମ ପ୍ରତିନିଧିମାନେ ଆସିଥିଲେ। ସେମାନଙ୍କୁ ସଭାମଞ୍ଚ ସମ୍ମୁଖରେ ବସିବା ପାଇଁ ଓ ଖବର ସଂଗ୍ରହ କରିବା ପାଇଁ ସ୍ଥାନ ନିରୁପିତ ହୋଇଥିଲା। ସେଠାରେ ସେମାନେ ନିଜ ଦାୟିତ୍ୱ ସମ୍ପର୍ଣ୍ଣ କରୁଥିବା ସମୟରେ ପଛପଟୁ କର୍ମୀମାନେ ପାଣି ପାଉଚ ମାଡ କରିଥିଲେ। ଫଳରେ କ୍ୟାମେରା ଚଲାଇବା ଓ ଖବର ସଂଗ୍ରହ କରିବାରେ ବ୍ୟାଘାତ ଘଟିଥିଲା। ଏପରିକି ଯୋଗୀଙ୍କ ଉପସ୍ଥିତି ସମୟରେ ଗଣମାଧ୍ୟମ ଠିକ ଭାବେ ଖବର ସଂଗ୍ରହ କରିବା ପାଇଁ ସକ୍ଷମ ହୋଇ ନ ଥିଲା। ଭାଜପା କର୍ମୀଙ୍କ ଏଭଳି ନିନ୍ଦନୀୟ କାର୍ଯ୍ୟକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା କରାଯାଇଛି।

## ସଂକ୍ଷେପରେ

### ମହଙ୍ଗା ପଡ଼ିଲା ହାଇକୋର୍ଟରେ ତଥ୍ୟ ଗୋପନ

**ଦେବଗଡ଼ ଅତିରିକ୍ତ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

କଟକ, ୨୩।୫ (କାର୍ତ୍ତିକ ସାହୁ):
ଏକ ଅଦାଲତ ଆଦେଶ ଅବମାନନା ମାମଲାର ବିଚାର ଚାଲୁଥିବା ବେଳେ ହାଇକୋର୍ଟରେ ଠିକ୍ ତଥ୍ୟ ପ୍ରଦାନ ବଦଳରେ ଗୋପନ ରଖିବା ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏପରିକି ସରକାରୀ ଆଇନଜୀବୀଙ୍କୁ ତଥ୍ୟ ନ ଜଣାଇବା ଓ ରିଟ୍ ଅପିଲ୍ ସଂକ୍ରାନ୍ତରେ ଅବଗତ ନ କରିବାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରିଛନ୍ତି। ହାଇକୋର୍ଟର ଜଣିକିଆ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଗୁରୁବାର ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ସଂପୃକ୍ତ ଉଚ୍ଚପଦସ୍ଥ ଅଧିକାରୀ ତଥା ଦେବଗଡ଼ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏଜିଏ ମଳୟ କେତନ ବଳବନ୍ତରାୟଙ୍କୁ ଏହି ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ଆଦେଶନାମାରେ ସ୍ପଷ୍ଟ କରିଛନ୍ତି।

### ୨୭ରୁ କଳାବିକାଶ କେନ୍ଦ୍ରରେ ଗ୍ରୀଷ୍ମକାଳୀନ ଶିବିର

କଟକ, ୨୩।୫ (କାର୍ତ୍ତିକ ସାହୁ):
କଳାବିକାଶ କେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିର ଆସନ୍ତା ୨୭ତାରିଖରୁ ଆରମ୍ଭ ହେବ। ଏହି ଶିବିର ୪ ଦିନବ୍ୟାପୀ ଚାଲିବା ପରେ ୩୦ ତାରିଖରେ ଉଦ୍‌ଯାପନ ହେବ। ଏହି ଅବସରରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ନାଟକ ବିଭାଗରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶାର ଖ୍ୟାତନାମା କଳାକାରମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବେ। ଏଥିପାଇଁ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ୨୪ରୁ ୨୬ ତାରିଖ ଯାଏ ସନ୍ଧ୍ୟା ସମୟରେ କଳାବିକାଶ କେନ୍ଦ୍ରଠାରେ ହେବ ବୋଲି କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଶିବିର ପରିଚାଳକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସୂଚନା ଦେଇଛନ୍ତି।

### ଆସିଲେନି ହିମନ୍ତ ବିଶ୍ୱଶର୍ମା

ମଙ୍ଗୁଳି-ଜଗତପୁର, ୨୩।୫ (ମାନସ ସାମଲ):
ଚୌଦ୍ୱାର- କଟକ ନିର୍ବାଚନମଣ୍ଡଳୀ ଚୌଦ୍ୱାରସ୍ଥିତ କପାଳେଶ୍ୱର ଖେଳପଡ଼ିଆରେ ଭାଜପା ପକ୍ଷରୁ ଏକ ବିଜୟ ସଂକଳ୍ପ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ବିଜୟ ସଂକଳ୍ପ ସମାବେଶରେ ମୁଖ୍ୟ ଅତିଥି ଭାବେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ସେ କିନ୍ତୁ ଆସି ନ ଥିଲେ। ଫଳରେ ସମାବେଶ ଏକ ରକମ ଫିକା ପଡ଼ିଥିଲା। ଚୌଦ୍ୱାର କଟକ ଭାଜପା ବିଧାନସଭା ପ୍ରାର୍ଥୀ ନୟନ କିଶୋର ମହାନ୍ତି, ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଯୋଗଦେଇ ଭାଜପା ସରକାର ଆସିଲେ ପୁଣି ଚୌଦ୍ୱାର ଶିଳ୍ପନଗରୀ ମାନ୍ୟତା ପାଇବ ବୋଲି କହିଥିଲେ। ଏହି ସମାବେଶରେ ଶତାଧିକ ଚଉକି ଖାଲି ପଡ଼ିଥିଲା।

### ଇମାମନଗର ବସ୍ତିରେ ଟଙ୍କା ବଣ୍ଟାକୁ ନେଇ ଉତ୍ତେଜନା

କଟକ, ୨୩।୫ (କାର୍ତ୍ତିକ ସାହୁ):
କଟକ ମହାନଗର ନିଗମ ୬ ନମ୍ବର ୱାର୍ଡ ଅନ୍ତର୍ଗତ ଇମାମନଗରବସ୍ତିରେ ଭୋଟ ପାଇଁ ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଗୁରୁବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଟଙ୍କା ବାଣ୍ଟୁଥିବା କେତେକ ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇବା ପରେ ପୋଲିସ ଉକ୍ତ ବସ୍ତିରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ତେବେ ପୋଲିସ ୪ ଜଣ ମହିଳାଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଥିବା ମର୍କତନଗର ଥାନା ଆଇଆଇସି କମଳାକାନ୍ତ ଦାସ କହିଛନ୍ତି।

ସୂଚନା ଅନୁସାରେ, ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ସଂଯୁକ୍ତା ନାୟକଙ୍କୁ କେତେଜଣ ଲୋକ ଭୋଟ ପାଇଁ ଟଙ୍କା ମାଗିଥିଲେ। ସେମାନଙ୍କ କହିବାନୁସାରେ, ଅଙ୍ଗନୱାଡ଼ି ଦିଦି ସକାଳେ କେତେଜଣ ଲୋକଙ୍କୁ ଟଙ୍କା ବାଣ୍ଟିଥିଲେ। ମାତ୍ର ଆମକୁ ଟଙ୍କା ଦେଇନାହାନ୍ତି, ତେଣୁ ଆମକୁ ବି ଟଙ୍କା ଦିଅ ବୋଲି ସେମାନେ କହିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟିରୁ ଠେଲାପେଲା ହୋଇଥିଲା। ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ତେବେ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ନାୟକ ଏହି ଅଭିଯୋଗକୁ ଖଣ୍ଡନ କରି ସେ କାହାରିକୁ ଟଙ୍କା ବାଣ୍ଟିନାହାନ୍ତି ବୋଲି ପୋଲିସ ନିକଟରେ କହିଛନ୍ତି।

## ଶେଷ ଦିନରେ କମ୍ପିଲା କଟକ ସହର



ଯୁବ ଛାତ୍ର କଂଗ୍ରେସ କର୍ମୀଙ୍କ ସହ ବିଧାୟକ ପ୍ରାର୍ଥିନୀ ସୋଫିଆ ଫିର୍ଦ୍ଦୋସ।

କଟକ, ୨୩।୫ (ଶିଳ୍ପା ପ୍ରିୟଦର୍ଶିନୀ)
ଆସନ୍ତା ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ସନ୍ଧ୍ୟା ୫ଟାରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା। ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଗୁରୁବାର ପୂର୍ବାହ୍ନରେ ସିଏମ୍‌ସି ୱାର୍ଡ ନଂ-୨୮ର ତେଲେଙ୍ଗାବଜାର ଅଞ୍ଚଳରେ ଶୋଭାଯାତ୍ରା କରିଥିଲେ। ପରେ ୱାର୍ଡ ନଂ- ୨୨ର କେଶରପୁରଠାରୁ ତାଙ୍କ ଶୋଭାଯାତ୍ରା ବାହାରି ମେରିଆ ବଜାର ଠାରେ ଶେଷ ହୋଇଥିଲା। ହାତ ଚିହ୍ନରେ ଭୋଟ ଦେଇ ତାଙ୍କୁ ଜିତାଇବାକୁ ସେ ନିବେଦନ କରିଥିଲେ। ପରେ ଚୌଧୁରୀବଜାରସ୍ଥିତ କଳିଙ୍ଗ ଗେଷ୍ଟ ହାଉସଠାରେ ଯୁବ ଛାତ୍ର କଂଗ୍ରେସ କର୍ମୀଙ୍କ ସହ ସୋଫିଆ ଏକ ବୈଠକ କରିଥିଲେ। ସେ ଯୁବବର୍ଗ ଓ ଛାତ୍ରଙ୍କ ଭୋଟ ଲୋଡ଼ିଛନ୍ତି।

ଅନ୍ୟପଟେ କଟକ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଗୁରୁବାର ବକ୍ସି ବଜାରସ୍ଥିତ ମଧୁସୂଦନ ପାର୍କରେ ପ୍ରାତଃଭ୍ରମଣକାରୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଭୋଟ୍ ମାଗିଥିଲେ। ପରେ ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଚା' ଦୋକାନରେ ଯୋଗଦେଇ ତାଙ୍କୁ ଭୋଟ ଦେବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। ସେହିପରି ବାରବାଟୀ-କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ବାଇକ ଶୋଭାଯାତ୍ରା ବକ୍ସିବଜାରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟ ନିକଟରୁ ବାହାରି ହାୱଡ଼ା ଛକ, ବକ୍ସିବଜାର ଛକ ଓ ବିଡ଼ାନାସୀ ବନ୍ଧଛକ ଦେଇ ବିଡାନାସୀ ସ୍କୁଲ ଛକଠାରେ ଶେଷ ହୋଇଥିଲା। ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଙ୍କୁ ଜିତାଇବାକୁ ନିବେଦନ କରିଥିଲେ।

ଅନ୍ୟପଟେ ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହାତାବ ବରହ୍ମପୁର ବସ୍ତି ଅଞ୍ଚଳ ପରିଦର୍ଶନ କରିବା ସହ ବସ୍ତିବାସିନ୍ଦାଙ୍କ ସମସ୍ୟା ପଚାରି ବୁଝିଥିଲେ। ପରେ ସିଏମ୍‌ସି ୱାର୍ଡ ନଂ-୪୨ର ଶତାଧିକ କର୍ମୀଙ୍କ ସହ ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରି ପଦ୍ମ ଚିହ୍ନକୁ ଭୋଟ ଦେବାକୁ ଭର୍ତ୍ତୃହରି ଅନୁରୋଧ କରିଥିଲେ। ସେହିପରି ଚୌଦ୍ୱାର-କଟକ ଭାଜପା ପକ୍ଷରୁ ଚୌଦ୍ୱାରସ୍ଥିତ କପାଳେଶ୍ୱର ପଡ଼ିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶ ପ୍ରାର୍ଥୀ ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଲୋକ ସଭା ପ୍ରାର୍ଥୀ ଭତୃହରି ମହତାବ ଯୋଗଦେଇ ଓଡ଼ିଆ ଅସ୍ମିତାକୁ ବଞ୍ଚାଇବାରେ ଚୌଦ୍ୱାର-କଟକବାସୀଙ୍କ ମୁଖ୍ୟ ଭୂମିକା ରହିଥିବା କହିଥିଲେ। ସମାବେଶରେ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କର୍ପୋରେଟର ଦୀପକ ଦାସ, ଗୋପାଳ ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଅନ୍ୟପଟେ ଚୌଦ୍ୱାର-କଟକ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ୱାର୍ଡ଼ ନଂ-୪୩ର ଅପାଣିଆସ୍ଥିତ ସିଦ୍ଧେଶ୍ୱର ମନ୍ଦିର ନିକଟରୁ ପଦଯାତ୍ରାରେ ଭୋଟ ଭିକ୍ଷା କରିଥିଲେ।

### ମାଣିଆବନ୍ଧରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ମାଣିଆବନ୍ଧ, ୨୩।୫ (ଅଖିଳ କୁମାର ସାହୁ):
ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ଶୃଙ୍ଖଳିତ ଓ ନିରପେକ୍ଷ ଭାବରେ ସମାପନ କରିବାକୁ ମାଣିଆବନ୍ଧରେ ପୋଲିସ ପକ୍ଷରୁ ବୁଧବାର ଫ୍ଲାଗମାର୍ଚ୍ଚ କରାଯାଇଛି। ଆଠଗଡ଼ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ମାଣିଆବନ୍ଧ ଥାନା ଅଧିକାରିଣୀ କାଦମ୍ବିନୀ ପରିଡ଼ାଙ୍କ ନେତୃତ୍ୱରେ ମହିଳାପୁରୁଷ ବାଟାଲିୟନର ୬୦ରୁ ଊର୍ଦ୍ଧ୍ୱ ଫୋର୍ସ ଥାନା ଅଧୀନ ମାନପୁର ପଞ୍ଚାୟତ, ବଜାର ସହ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

### ଆଠଗଡ ଏନ୍‌ଏସିରେ ରଣେନ୍ଦ୍ରଙ୍କ ବାଇକ୍ ଶୋଭାଯାତ୍ରା

ଆଠଗଡ, ୨୩।୫ (ସତ୍ୟ ପ୍ରସାଦ ରଥ)
ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏନ୍‌ଏସିରେ ବିଜେଡି ପକ୍ଷରୁ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ଅବସରରେ ବାଇକ୍ ଶୋଭାଯାତ୍ରାରେ ବିଜେଡି କାର୍ଯ୍ୟାଳୟ ସୂର୍ଯ୍ୟ ଭବନରୁ ବାହାରି ସହରର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ପ୍ରଚାରରେ ବିଧାୟକ ପ୍ରାର୍ଥୀ ସ୍ୱାଇଁଙ୍କ ସମେତ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଯୁବନେତା ଲକ୍ଷ୍ମୀ ନାରାୟଣ ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।

## ନିଆଳିରେ ପାଣ୍ଡିଆନଙ୍କ ଭୋଟ ଭିକ୍ଷା



ସମାବେଶରେ ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ନିଆଳି, ୨୩।୫ (ସୁକାନ୍ତ କୁମାର ସିଂହ):
ନିଆଳି ହାଇସ୍କୁଲ ପଡ଼ିଆରେ ଗୁରୁବାର ବିଜେଡିର ନିର୍ବାଚନୀ ସଭାରେ ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିଛନ୍ତି। ନିଆଳି ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ପ୍ରାର୍ଥୀ ଡା. ପ୍ରମୋଦ କୁମାର ମଲ୍ଲିକଙ୍କୁ ଓ ଏମ୍‌ପି ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକଙ୍କୁ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଏହାସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମଠ, ମନ୍ଦିର ନବୀକରଣ, ମହିଳା ସଶକ୍ତୀକରଣ, ଗରିବ ଲୋକଙ୍କୁ ଥଇଥାନ ଆଦି ସର୍ବାଙ୍ଗୀନ ବିକାଶମୂଳକ କାର୍ଯ୍ୟ ମୁଖ୍ୟମନ୍ତ୍ରୀ କରିଛନ୍ତି। ଆସନ୍ତା ଜୁଲାଇରୁ ସରକାରଙ୍କ ବିଦ୍ୟୁତ୍ ବିଲ୍ ଛାଡ଼ ଯୋଜନାରେ ୯୦ ପ୍ରତିଶତ ଉପଭୋକ୍ତା ଉପକୃତ ହେବେ। ଆପଣମାନେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରଖନ୍ତୁ ବୋଲି କହିଥିଲେ। ପାଣ୍ଡିଆନ୍ ହେଲିକପ୍ଟର ଯୋଗେ ନିଆଳି ହାଇସ୍କୁଲ ପଡ଼ିଆଠାରେ ପହଞ୍ଚିବା ପରେ ତାଙ୍କୁ ପ୍ରାର୍ଥିନୀ ମଲ୍ଲିକ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ସଭାସ୍ଥଳରେ ସ୍ଥାନୀୟ ବିଧାୟକଙ୍କୁ ୭୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଜିତାଇଲେ ସେ ପୁଣି ନିଆଳି ଆସିବେ ବୋଲି କହିଥିଲେ।

## ଭୋଟ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ**

- ୬୧୬ ଉତ୍ତେଜନାପ୍ରବଣ ମତଦାନ କେନ୍ଦ୍ର
- ମୋବାଇଲ ଫୋନ୍ ମନା

କଟକ, ୨୩।୫ (କାର୍ତ୍ତିକ ସାହୁ):
ଆସନ୍ତା ୨୫ ତାରିଖରେ ହେବାକୁ ଥିବା ମତଦାନ ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କଟକ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ମତଦାନ କେନ୍ଦ୍ରଗୁଡ଼ିକରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ସାଧାରଣ ସୁରକ୍ଷା ବନ୍ଦୋବସ୍ତ ସହ ବିଭିନ୍ନ ଆଇନ ଶୃଙ୍ଖଳା ତଥା ସମ୍ବେଦନଶୀଳତା ଦୃଷ୍ଟିରୁ ଜିଲାରେ ୬୧୬ ଉତ୍ତେଜନାପ୍ରବଣ ମତଦାନ କେନ୍ଦ୍ର ଚିହ୍ନଟ କରାଯାଇଛି। ଉକ୍ତ ମତଦାନ କେନ୍ଦ୍ରଗୁଡ଼ିକରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ କରାଯାଇଛି। ସୁସ୍ଥ ନିର୍ବାଚନ ପ୍ରକ୍ରିୟାରେ କୌଣସି ପ୍ରକାର ଅସାମାଜିକ କାର୍ଯ୍ୟ ତଥା ଅସାଧୁ ଉପାୟ ଅବଲମ୍ବନକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମତବ୍ୟକ୍ତ କରିଛନ୍ତି।

ସୂଚନାନୁସାରେ, ଭୋଟ ଗ୍ରହଣ କେନ୍ଦ୍ର ପରିସରକୁ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂ ଅଫିସରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମୋବାଇଲ୍ ଫୋନ ନେବା ନିଷେଧ କରାଯାଇଛି। ଏଥିରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମତଦାନ କେନ୍ଦ୍ର ପରିସର ନିକଟରେ ମୋବାଇଲ୍ ଫୋନ୍ ରଖିବାର କୌଣସି ପ୍ରଶାସନିକ ବ୍ୟବସ୍ଥା ନାହିଁ। ଜିଲାର ସମସ୍ତ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ତଥା କଟକ ପୌରାଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ତଥା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ପକ୍ଷରୁ ଲଗାଯାଇଥିବା ନିର୍ବାଚନ ପ୍ରଚାର ହୋର୍ଡିଂ, ବ୍ୟାନର, ପୋଷ୍ଟର ଓ ଅନଧିକୃତ ଟେଣ୍ଟ ମେ ୨୪ ତାରିଖ ସକାଳ ୧୧ଟା ସୁଦ୍ଧା ହଟାଇବା ପାଇଁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଜନସାଧାରଣଙ୍କୁ ସଚେତନ କରାଯିବା ସହ କଡ଼ାକଡ଼ି ପାଳନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ନିର୍ବାଚନ ପରିଚାଳନା ତଦାରଖ କରୁଥିବା ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ, ପୋଲିସ ପର୍ଯ୍ୟବେକ୍ଷକଙ୍କ ସମେତ କଟକ ଡିସିପି ପ୍ରକାଶ ଆର୍, ଜିଲା ଆରକ୍ଷୀ ଅଧୀକ୍ଷକ ଏଲ୍. ଦିବ୍ୟା ଏବଂ ଜିଲାର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ‘ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ଥିରହେବା ଉଚିତ’

**କଟକ, ୨୩।୫ (ଦିବାକର ସାହୁ):
ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏଥିପାଇଁ ଗୁରୁବାର ପ୍ରଚାର ଶେଷ ହୋଇଛି। ଜନସାଧାରଣଙ୍କ ଭୋଟ ହାତେଇବାକୁ ପ୍ରାର୍ଥୀମାନେ ଜୋର୍‌ଦାର ପ୍ରୟାସ କରିଛନ୍ତି। ତେବେ ଅଧିକାଂଶ ଯୁବଭୋଟର ରହିଥିବାରୁ ସେମାନେ ପ୍ରାର୍ଥୀଙ୍କ ଯୋଗ୍ୟତା ଉପରେ ତର୍ଜମା କରୁଛନ୍ତି। ବିଶେଷକରି ପ୍ରାର୍ଥୀମାନଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ସ୍ଥିରହେବା ଉଚିତ ବୋଲି ଅନେକେ ମତ ଦେଇଛନ୍ତି।**



“ ଭୋଟ ଏବେ ଦଳଭିତ୍ତିକ ହୋଇଯାଇଛି କହିଲେ ଚଳେ। କାରଣ ଅଧିକାଂଶ ଭୋଟର ଏବେ ଦଳକୁ ଅଗ୍ରାଧିକାର ଦେଉଥିବା ଦେଖିବାକୁ ମିଳୁଛି। ଦଳ ପକ୍ଷରୁ ନିର୍ବାଚନ ପ୍ରଚାର କରାଯାଉଛି। ଫଳରେ ଦଳୀୟ ଚିହ୍ନ ପାଇଥିବା ପ୍ରାର୍ଥୀ ପଞ୍ଚମ ପାସ୍ ନ କରିଥିଲେ ବି ଜିତିଯାଉଛନ୍ତି। ଅନ୍ୟପକ୍ଷରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଅର୍ଥାଭାବରୁ ଭଲ ଭାବେ ପ୍ରଚାର କରିପାରୁନାହାନ୍ତି । ଉଚ୍ଚଶିକ୍ଷିତ ହୋଇଥିଲେ ବି ନିର୍ବାଚନ ଜିତିବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇପଡୁଛି। ତେଣୁ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ କରାଯିବା ଉଚିତ। ଫଳରେ ଜନପ୍ରତିନିଧି ଭାବେ ସେମାନେ ଲୋକଙ୍କ ସମସ୍ୟା ଠିକ୍ ଭାବେ ବିଧାନସଭା ଓ ସଂସଦରେ ଉପସ୍ଥାପନ କରିପାରିବେ।

**-ଚନ୍ଦନ କୁମାର ନନ୍ଦୀ, ଛାତ୍ର, ଏସ୍‌ସିବି ମେଡିକାଲ କଲେଜ**

“ ସାମ୍ବିଧାନିକ ବ୍ୟବସ୍ଥାରେ ସବୁଠୁ ବଡ଼ ପର୍ବ ହେଉଛି ନିର୍ବାଚନ। ମୁଁ ଜଣେ ଯୁବ ଭୋଟର। ମୋ ମତରେ ଆମେ ସମସ୍ତେ ନିର୍ବାଚନରେ ସାମିଲହୋଇ ସୁସ୍ଥ ଓ ସୁଦୃଢ଼ ଦେଶ ଗଠନ କରିବା ପାଇଁ ଭୋଟ ଦେବା ଉଚିତ। କାରଣ ଆମର ଗୋଟିଏ ଭୋଟ ଉପରେ ଦେଶର ଭବିଷ୍ୟତ ନିର୍ଭରକରେ। ଭଲ ସରକାର ଆସିଲେ ଦେଶ ଆଗକୁ ବଢ଼ିବ। ତେଣୁ କାହା କଥାରେ ଅନୁପ୍ରାଣିତ ନ



ହୋଇ ଭଲ ଭାବେ ପରଖି ପ୍ରାର୍ଥୀଙ୍କୁ ଚୟନ କରନ୍ତୁ। ତେବେ ପ୍ରାର୍ଥୀ ଶିକ୍ଷିତ ହୋଇଥିଲେ ଜନ ସାଧାରଣଙ୍କ ସମସ୍ୟା ବୁଝି ସମାଧାନ କରିପାରିବେ।

**-ମାନସ କୁମାର ଜେନା, ଯୁବ ଭୋଟର**

“ ବିଗତ ବର୍ଷଗୁଡ଼ିକରେ ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ସ୍ଥିତି କିଭଳି ରହିଛି ତାହା ସାଧାରଣ ଜନତା ଜାଣିବା ଦରକାର। କେବଳ ଦେଶ ଓ ରାଜ୍ୟ ଭିତରର କଥା ଚିନ୍ତାକଲେ ହେବନାହିଁ।



ବାହାର ଦେଶଗୁଡ଼ିକ ସହ ସୁସମ୍ପର୍କ ଥିବା ଆବଶ୍ୟକ। ବାହାର ଦେଶରୁ ହେଉଥିବା ଦ୍ରବ୍ୟ ଆମଦାନୀ ଓ ରପ୍ତାନି ମଧ୍ୟ ଆମ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଇଥାଏ। ଭୋଟରଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ତଥା ସରକାର ଏ ସମ୍ବନ୍ଧୀୟ ନିଷ୍ପତ୍ତି ନେଇଥାନ୍ତି। ତେଣୁ ପ୍ରାର୍ଥୀଙ୍କୁ ପରଖି ସ୍ୱଚ୍ଛତା ଓ ସ୍ୱାଧୀନତାର ସହ ଭୋଟ ଦେବା ଆବଶ୍ୟକ।

**- କମଳଲୋଚନ ପଣ୍ଡା, କର୍ମଜୀବୀ**

“ ଭୋଟ ଦେବା ପୂର୍ବରୁ କିଛି କ୍ଷେତ୍ର ଉପରେ ଦୃଷ୍ଟି ଦେବା ନିହାତି ଦରକାର। ନିର୍ବାଚନ ଆସିଲେ ବିଭିନ୍ନ ଦଳ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ଆମକୁ ଦେଖିବାର ଅଛି, ସେହି ପ୍ରତିଶ୍ରୁତି ସବୁ ପାଳନ ହୋଇଛି କି ନାହିଁ। ଦଳ ପକ୍ଷରୁ ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଆଜିପର୍ଯ୍ୟନ୍ତ ଆମ ପାଇଁ କ'ଣ କାମ କରିଆସିଛନ୍ତି, ତାଙ୍କ ବ୍ୟକ୍ତିତ୍ୱ କିପରି, ଲୋକ ଏବଂ ସମାଜର ଅସୁବିଧା ସମୟରେ ସେ ସାହାଯ୍ୟର ହାତ ବଢ଼ାଇଛନ୍ତି କି ନାହିଁ, ଇତ୍ୟାଦି ବିଷୟ ପ୍ରତି ଆମକୁ ଧ୍ୟାନଦେବାକୁ ପଡ଼ିବ। ନ ହେଲେ ଯଦି ଆମେ ଭୁଲ୍ ପ୍ରାର୍ଥୀଙ୍କୁ ଭୋଟ ଦେବା ତେବେ ପ୍ରତିଶ୍ରୁତିଗୁଡ଼ିକ ସବୁବର୍ଷ ପରି କାଗଜକଲମରେ ସୀମିତ ରହିଯିବ।



**-ମାନସୀ ମହାରଣା, ଯୁବ ଭୋଟର**

“ ଗଣତନ୍ତ୍ରରେ ଭୋଟ ଦେବା ମାନେ ଆମେ ଆମ ଭବିଷ୍ୟତ ନିଜ ହାତରେ ଗଢ଼ିବା ସହ ସମାନ। ତେଣୁ ଭୋଟ ଦେବା ଉଚିତ। ପ୍ରତି ୫ବର୍ଷରେ ଥରେ ଦେଶର ବିକାଶରେ ଆମକୁ ସାମିଲହେବାର ସୁଯୋଗ ମିଳୁଛି। ଦେଶର ଯୁବପିଢ଼ି ଏଥିପ୍ରତି ସଚେତନ ହୋଇ ଭୋଟଦାନ କରନ୍ତୁ। ଏହାଛଡ଼ା ଜଙ୍ଗଲ, ପାହାଡ଼ ଘେରା ଅଞ୍ଚଳଗୁଡ଼ିକରେ ମତଦାନ ନେଇ ସଚେତନତା ସୃଷ୍ଟି କରାଯିବା ଦରକାର। କାରଣ ସେମାନେ ଆମ ଦେଶର ନାଗରିକ। ସେମାନଙ୍କର ମଧ୍ୟ ଭୋଟଦେବାର ଅଧିକାର ଅଛି ବୋଲି ତାଙ୍କୁ ଜଣାଇବାକୁ ହେବ। ସେହିପରି ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ମଧ୍ୟ ମତଦାତା ଜାଣିବା ଆବଶ୍ୟକ।



**-ବିଶ୍ୱପ୍ରକାଶ ସେଠୀ, ଯୁବ ଭୋଟର**

**ଇମାମନଗର ବସ୍ତିରେ ଟଙ୍କା ବଣ୍ଟାକୁ ନେଇ ଉତ୍ତେଜନା**

କଟକ,(କାର୍ତ୍ତିକ ସାହୁ): କଟକ ମହାନଗର ନିଗମ ୬ ନମ୍ବର ୱାର୍ଡ ଅନ୍ତର୍ଗତ ଇମାମନଗରବସ୍ତିରେ ଭୋଟ ପାଇଁ ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଗୁରୁବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଟଙ୍କା ବାଣ୍ଟୁଥିବା କେତେକ ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇବା ପରେ ପୋଲିସ ଉକ୍ତ ବସ୍ତିରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ତେବେ ପୋଲିସ ୪ ଜଣ ମହିଳାଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଥିବା ମର୍କତନଗର ଥାନା ଆଇଆଇସି କମଳାକାନ୍ତ ଦାସ କହିଛନ୍ତି।

## ସଂକ୍ଷେପରେ

### ଦୁଇ ଲୁଟେରାଙ୍କୁ ୨ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (୧)ର ବିଚାରପତି ପାୟଲ ଗୁପ୍ତା ଗୁରୁବାର ଏକ ଲୁଟ୍ ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସତ୍ୟସାଗର ପ୍ରଧାନ ଓ କାର୍ତ୍ତିକ ଜେନାଙ୍କୁ ୨ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ୨୦୨୩ ମାର୍ଚ୍ଚ ୩୧ ମଧ୍ୟାହ୍ନ ପ୍ରାୟ ୧ଟା ୪୩ରେ ଅଭିଯୋଗକାରିଣୀ ଅନ୍ୟନିନ୍ଦା ମିତ୍ର ତାଙ୍କର ଜଣେ ବାନ୍ଧବୀଙ୍କ ସହିତ ସ୍କୁଟିରେ ନୂଆ ଗାଁ ପେଟ୍ରୋଲ ପମ୍ପ ଆଡ଼କୁ ଯାଉଥିଲେ। ସେମାନେ ଗଙ୍ଗୁଆ ବ୍ରିଜ ନିକଟରେ ପହଞ୍ଚିଥିବା ବେଳେ ସତ୍ୟସାଗର ଓ କାର୍ତ୍ତିକ ଏକ ବାଇକରେ ଆସି ଅନ୍ୟନିନ୍ଦାଙ୍କ ଭ୍ୟାନିଟ୍ ଝାମ୍ପି ନେଇଯାଇଥିଲେ। ଏତଲାକ୍ରମେ ଲିଙ୍ଗରାଜ ଥାନା ପୋଲିସ ଏକ (ନଂ.୧୦୬/୨୦୨୩) ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ପୋଲିସ ଟିମ୍ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ବିଜୟ କୁମାର ବାରିକ ଓ ବିଜନ ବିହାରୀ କର ମାମଲା ପରିଚାଳନା କରୁଥିଲେ।

### ଶ୍ୱଶୁର, ଶଳାଙ୍କୁ କଟୁରିରେ ଆକ୍ରମଣ: ଯୁବକ ଗିରଫ

ଭୁବନେଶ୍ୱର,୨୩।୫
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବକ ଶ୍ୱଶୁର ଘରେ ପଶି ଆତଙ୍କ ଖେଳାଇଛନ୍ତି। ଶ୍ୱଶୁର ଓ ଶଳାଙ୍କୁ କଟୁରିରେ ଆକ୍ରମଣ କରିବାରୁ ସେମାନେ ଆହତ ହୋଇଛନ୍ତି। ଏୟାରପୋର୍ଟ ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିବା ବେଳେ ପୋଲିସ ଅଭିଯୁକ୍ତ ଜ୍ୱାଇଁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡାର ସଞ୍ଜୟ ଦେବନାଥ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ କଟୁରି ଜବତ ହୋଇଛି। ବାସନ୍ତୀ ଦାସଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ଏହି ପଦକ୍ଷେପ ନେଇଛି। ପୋଲିସ ସୂଚନାନୁସାରେ, ବାସନ୍ତୀ ଗତ ୧୦ ବର୍ଷ ତଳେ ଅଭିଯୁକ୍ତ ସଞ୍ଜୟଙ୍କୁ ବିବାହ କରିଥିଲେ। ଉଭୟ କାର୍ଗିଲ ବସ୍ତି କେଳାସାହିରେ ରୁହନ୍ତି। ବିବାହର କିଛିଦିନ ପରେ ବାପ ଘରୁ ଅଧିକ ଟଙ୍କା ଆଣିବା ଲାଗି ସଞ୍ଜୟ ବାସନ୍ତୀଙ୍କୁ ସବୁବେଳେ ଗାଳିଗୁଲଜ କରିବା ସହିତ ମାଡ ମାରୁଥିଲେ। ଏଥିରେ ଅତିଷ୍ଠ ହୋଇ ବାସନ୍ତୀ ବୁଧବାର ପୂର୍ବାହ୍ନରେ ଉକ୍ତ କେଳାସାହିରେ ଥିବା ତାଙ୍କ ବାପ ଘରକୁ ଚାଲିଆସିଥିଲେ। କିଛି ସମୟ ପରେ ସଞ୍ଜୟ ହାତରେ ଏକ କଟୁରି ଓ ଏକ ଧାରୁଆ ଛୁରି ଧରି ଶ୍ୱଶୁର ଘରେ ପହଞ୍ଚି ସ୍ତ୍ରୀ ଓ ତାଙ୍କ ପରିବାର ଲୋକଙ୍କୁ ଗାଳି କରିଥିଲେ। ତେବେ ବାସନ୍ତୀଙ୍କ ଭାଇ ଏହାକୁ ବିରୋଧ କରିବାରୁ ସଞ୍ଜୟ ଏଥିରେ ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ମାରଣାସ୍ତ୍ରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହା ଦେଖି ବାସନ୍ତୀଙ୍କ ବାପା ପୁଅକୁ ରକ୍ଷା କରିବା ଲାଗି ଆସିଯିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତ ସଞ୍ଜୟ କଟୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

# ବସ୍ତିରେ ପୋଲିସର କଡ଼ା ନଜର

## ଭୋଟ ପାଇଁ ଟଙ୍କା, ମଦ କାରବାର ଆଶଙ୍କା

ଭୁବନେଶ୍ୱର,୨୩।୫
(ସୂର୍ଯ୍ୟକାନ୍ତ ବେହେରା)

ଆସନ୍ତା ୨୫ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ଗୁରୁବାରଠାରୁ ପ୍ରଚାର ଶେଷ ହୋଇଥିବାବେଳେ ଏବେ ଭୋଟରଙ୍କୁ ନିଜ ସପକ୍ଷରେ ରଖିବା ଲାଗି ପ୍ରାର୍ଥୀମାନେ ନାନା ଉପାୟ ଅବଲମ୍ବନ କରିବେ। ତେବେ ରାଜଧାନୀ ଭୁବନେଶ୍ୱରରେ ସବୁ ପ୍ରାର୍ଥୀଙ୍କ ନଜର ବସ୍ତି ଭୋଟରଙ୍କ ଉପରେ ରହିଛି। ତେଣୁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ବସ୍ତିବାସିନ୍ଦାଙ୍କୁ ପ୍ରଲୋଭନ ଦେଖାଇ ଆକୃଷ୍ଟ କରିବା ଲାଗି ଉଦ୍ୟମ କରିବା ଆଶଙ୍କା ରହିଛି। ତେଣୁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ କମିଶନରେଟ ପୋଲିସ ପକ୍ଷରୁ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ଲାଗି ସବୁ ପ୍ରକାର ପ୍ରୟାସ ଜାରି ରହିଛି। କୌଣସି ପ୍ରାର୍ଥୀ ଯେମିତି ନିଶାଦ୍ରବ୍ୟ ଓ ଅର୍ଥ ଦେଇ ଭୋଟରଙ୍କୁ ପ୍ରଭାବିତ ନ କରନ୍ତି, ସେ ନେଇ କମିଶନରେଟ ପୋଲିସ ଅଧୀନରେ ଥିବା ସମସ୍ତ ବସ୍ତିରେ କଡା ନଜର ରଖାଯାଇଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ସେ କହିଛନ୍ତି, ବସ୍ତି ଅଞ୍ଚଳରେ ଏଭଳି ବେଆଇନ କାରବାର ରୋକିବା ପାଇଁ ପୋଲିସ ଓ ସିଆର୍‌ପିଏଫ ଯବାନଙ୍କୁ ମୁତୟନ କରାଯାଇଛି। ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଓ ଉତ୍ତେଜନାପ୍ରବଣ ବସ୍ତିରେ ଏମାନଙ୍କୁ ନିୟୋଜିତ କରାଯାଇଛି। ସେହି ଅଞ୍ଚଳକୁ ଯାଉଥିବା ଯାନବାହନ ଯାଞ୍ଚ କରାଯିବା ସହ ରାତି ୧୦ଟା ପରେ ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଉଛି। ସନ୍ଦେହ ହେଲେ ଲୋକଙ୍କ ପରିଚୟ ପୋଲିସ ଲେଖି ରଖୁଥିବା ବେଳେ ଗାଡି ମଧ୍ୟ ଯାଞ୍ଚ କରାଯାଉଛି। ପୋଲିସ ଗାଡିରେ ଯାଉଥିବା ଅଧିକାରୀଙ୍କ ସଂପର୍କରେ ସମସ୍ତ ସୂଚନା ଥାନା ସମେତ କମିଶନରଙ୍କ ଅଫିସକୁ ଦିଆଯିବା ନେଇ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷରେ ସହର ମଧ୍ୟରେ ଥିବା ମଦ ଦୋକାନ ବନ୍ଦ ଥିବାରୁ ଚୋରା ମଦ କାରବାର ଉପରେ ଦୃଷ୍ଟି ରଖାଯିବା ସହ ପାଟ୍ରୋଲିଂ କଡାକଡି କରାଯାଇଛି। ବସ୍ତି ଅଞ୍ଚଳରେ ରହୁଥିବା ସିଆରପିଏଫ ଯବାନଙ୍କ ସହ ଓଡିଶା ପୋଲିସର କେତେଜଣ ଅଧିକାରୀଙ୍କୁ ମଧ୍ୟ ମୁତୟନ କରାଯାଉଛି। କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂପୃକ୍ତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିସିପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସର ଘନଘନ ଚଢାଉ ନେଇ ସମସ୍ତଙ୍କ ମନରେ ଛନକା ପଶିଥିବା ସୂଚନା ମିଳିଛି।

## ବୁଲିଲା ୨୫ ପିସିଆର୍ ଭ୍ୟାନ୍, ସ୍ଥିତି ପରଖିଲେ ଡିସିପି



ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାକୁ କମିଶନରେଟ ପୋଲିସ ପକ୍ଷରୁ ଗତ କିଛିଦିନ ହେଲା ପେଟ୍ରୋଲିଂ ସହ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି। ଗୁରୁବାର ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ପୋଲିସ ଟିମ୍ ଫୁଟ୍ ମାର୍ଚ୍ଚ କରିଛନ୍ତି। ସହରରେ ଥିବା ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଉପସ୍ଥିତିକୁ ଜାହିର କରିବା ସହ ଆପରାଧିକ ତତ୍ତ୍ୱଙ୍କ ମନରେ ଭୟ ସୃଷ୍ଟି କରିବା ଏବଂ ଭୋଟରଙ୍କ ମନୋବଳ ବୃଦ୍ଧି କରିବାକୁ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଥିବାବେଳେ ଅପରାହ୍ନରରୁ ରାତି ଯାଏ ଡିସିପି ପୋଲିସ ଟିମ୍ ସହ ଫୁଟ ମାର୍ଚ୍ଚ କରି ସ୍ଥିତି ପରଖିଥିଲେ। ପୋଲିସ ଟିମ୍ ସହ ପିସିଆର୍ ଭ୍ୟାନ୍ ସାଇରନ୍ ବଜାଇ ବୁଲିଥିଲା। ଏହି ଫୁଟ ମାର୍ଚ୍ଚରେ ସମସ୍ତ ଥାନାଧିକାରୀ, ଜୋନ ଏସିପି, ଅତିରିକ୍ତ ଡିସିପି ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୧୨୫ ଜଣ ୨୫ଟି ଗାଡ଼ିରେ ସହର ସମସ୍ତ ଥାନା ଅଞ୍ଚଳ ବୁଲିଥିଲେ।

ସେହିପରି ଜଟଣୀ ନିର୍ବାଚନମଣ୍ଡଳୀରେ ଅତିରିକ୍ତ ଡିସିପି ଅଶୋକ ପାଣିଗ୍ରାହୀ, ଜଟଣୀ ଥାନାଧିକାରୀଙ୍କ ସହିତ ସମ୍ପୃକ୍ତ ଥାନାର ଏସିପି ଏବଂ ଜୟଦେବ ନିର୍ବାଚନମଣ୍ଡଳୀରେ ଅତିରିକ୍ତ ଡିସିପି କୃଷ୍ଣ ପ୍ରସାଦ ଦାସଙ୍କ ନେତୃତ୍ୱରେ ଫୁଟ ମାର୍ଚ୍ଚ ଓ ଏରିୟା ଡୋମିନାନ୍ସ ମଧ୍ୟ କରାଯାଇଥିଲା।

# ଚାପମୁକ୍ତ ହୋଇ ମତଦାନ ପାଇଁ ଜିଲାପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୨୩।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ ହେବ। ଶ୍ରେଷ୍ଠ ଗଣତାନ୍ତ୍ରିକ ପରମ୍ପରାର ସମ୍ମାନ ବଜାୟ ରଖିବା ନିମନ୍ତେ ମତଦାନ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଭୋଟରମାନେ ଭୋଟର ହେଲ୍ପଲାଇନ୍ ଆପ୍ ମାଧ୍ୟମରେ ଭୋଟର ତାଲିକାରେ ଥିବା ନିଜ କ୍ରମିକ ଓ ଭାଗ ସଂଖ୍ୟା ଜାଣିବାର ସୁବିଧା ରହିଛି। ସେହିଭଳି ଜିଲାର ମତଦାତାମାନେ 'ମୋ ବୁଥ୍' ଆପ୍ ମାଧ୍ୟମରେ ବୁଥ୍‌ର ଅବସ୍ଥିତି, ସେଠାକୁ ଯିବା ପାଇଁ ମାର୍ଗ ଏବଂ ସମାନ ସମୟ ମଧ୍ୟରେ ଧାଡ଼ି ହୋଇ ଛିଡ଼ା ହୋଇଥିବା ମତଦାତାଙ୍କ ସଂଖ୍ୟା ଜାଣିପାରିବେ। ଏତଦ୍‌ବ୍ୟତୀତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ସର୍ବତ, ଶିଶୁଙ୍କ ପାଇଁ କ୍ରେଚ୍, ପ୍ରତୀକ୍ଷା ଗୃହ, ଶୌଚାଳୟ, ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ୍ ଚେୟାର, ବୟସ୍କଙ୍କ ପାଇଁ ଚେୟାରର ବ୍ୟବସ୍ଥା କରାଯାଇଥିବା ଜିଲାପାଳ ରାଣା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ନିର୍ବାଚନ ନିମନ୍ତେ ଜିଲାରେ ଗତ ଦୁଇବର୍ଷ ଧରି ପ୍ରସ୍ତୁତି ଜାରି ରହିଛି ଏବଂ ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରାୟ ୧୫ ହଜାର ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ଜିଲାର ୧୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍, ୮ଟି ଦିବ୍ୟାଙ୍ଗ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏବଂ ଯୁବ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ୪୦ଟି ଯୁବ ବୁଥ୍ ଥିବାବେଳେ ୩୮୪ଟି ଆଦର୍ଶ ଓ ଇକୋ-ଫ୍ରେଣ୍ଡଲି ବୁଥ୍ ରହିଛି। ଜାତି, ଧର୍ମ, ବର୍ଣ୍ଣରୁ ଊର୍ଦ୍ଧ୍ୱରେ ରହି କୌଣସି ଭୟ, ଲୋଭ କିମ୍ବା ଚାପର ବଶବର୍ତ୍ତୀ ନ ହୋଇ ନିଜ ଦେଶ ଓ ସମ୍ବିଧାନର ସମ୍ମାନ ପାଇଁ ନିଜର ଶ୍ରେଷ୍ଠ ଅଧିକାର 'ମତଦାନ' କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

# ଶେଷ ଦିନରେ ଅଶୋକଙ୍କ ପ୍ରଚାର



ପୁରୁଣା ଭୁବନେଶ୍ୱର,
୨୩।୫(ସୁବାସ ଚନ୍ଦ୍ର ପ୍ରଧାନ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ଥିଲା ପ୍ରଚାରର ଶେଷ ଦିବସ। ଏହି ପରିପ୍ରେକ୍ଷୀରେ ଏକାମ୍ର ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଜୋରଦାର ପ୍ରଚାର କରିଛନ୍ତି। ୬୪ନଂ. ୱାର୍ଡର ଯଦୁପୁର ଓ ସାହିର ବିଭିନ୍ନ ଅଞ୍ଚଳ, ୫୭ନଂ. ୱାର୍ଡ ପାଣ୍ଡବ ନଗର, ୪୯ ନଂ. ୱାର୍ଡର ଶ୍ରୀକ୍ଷେତ୍ର ବିହାର, ୨୩ନଂ. ୱାର୍ଡର କଳିଙ୍ଗ ବିହାର, ୱାର୍ଡ ନଂ. ୫୪ ପୁରୁଣା ଭୁବନେଶରର ଗୋଡ଼ି ପୋଖରୀ ସାହି ଆଦି ଅଞ୍ଚଳ ବୁଲି ନିଜ ସପକ୍ଷରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଅଶୋକ କହିଛନ୍ତି, ୨୦୦୯ ମସିହାରୁ ଏକାମ୍ରବାସୀ ତାଙ୍କ ଉପରେ ଆସ୍ଥା ଭାଜନ କରିଥିବାରୁ ଅଞ୍ଚଳବାସୀଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଚତୁର୍ଥ ଥର ମଧ୍ୟ ସେବା କରିବା ପାଇଁ ଏକାମ୍ରବାସୀ ସୁଯୋଗ ଦେବେ ବୋଲି ତାଙ୍କର ବିଶ୍ୱାସ ରହିଛି। କାର୍ଯ୍ୟକ୍ରମରେ କର୍ପୋରେଟର ସକିବା ମୁସାରଫ, ସନ୍ତୋଷ ସିଂହ, ସଞ୍ଜୁକ୍ତା ସୁନ୍ଦରାୟ, କିରଣ ମାଝି, ଶିବ ପ୍ରସାଦ ବେହେରା, ମୁଜାହିଦ ହୁସେନ, ଅଶ୍ୱିନୀ ସୁନ୍ଦରାୟ, ଦିଲୀପ ମାଝି ପ୍ରମୁଖ ସାମିଲ ଥିଲେ।



୨୫ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ମତଦାନ ଲାଗି ଭୁବନେଶ୍ୱର ବିଜେବି କଲେଜ କେନ୍ଦ୍ରରୁ ପୋଲିଂ ପାର୍ଟି ବୁଥ୍ ଅଭିମୁଖେ ଯାଉଛନ୍ତି। (ଫଟୋ- ବିକାଶ ନାୟକ)

# ବୁଥ୍‌ମୁହାଁ ପୋଲିଂ ପାର୍ଟି

ଭୁବନେଶ୍ୱର,୨୩।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ଆସନ୍ତା ୨୫ ତାରିଖରେ ଭୁବନେଶ୍ୱର ଲୋକ ସଭା ଓ ଏହା ଅନ୍ତର୍ଗତ ୭ ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ ହେବ। ଏଥିପାଇଁ ପୋଲିଂ ପାର୍ଟିମାନେ ବୁଥ୍‌ମୁହାଁ ହୋଇଛନ୍ତି। ଗୁରୁବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗରୁମ୍ କାଉଣ୍ଟରରୁ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ଧରି ପୋଲିଂ ପାର୍ଟି ଜୟଦେବ ଓ ଜଟଣୀ ନିର୍ବାଚନ ମଣ୍ଡଳୀକୁ ଯାଇଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀର ୨୩୬ ବୁଥ୍ ମଧ୍ୟରୁ ୧୬୪ଟି ବୁଥ୍ ଅଭିମୁଖେ ପୋଲିଂ ପାର୍ଟି ଯାଇଥିବାବେଳେ ଶୁକ୍ରବାର ୭୨ ବୁଥ ଅଭିମୁଖେ ପୋଲିଂ ପାର୍ଟି ଯାତ୍ରା କରିବେ। ଏହି ୭୨ଟି ବୁଥ୍ ମଧ୍ୟରେ ୪୯ଟି ସଖୀ ବୁଥ୍, ଗୋଟିଏ ଦିବ୍ୟାଙ୍ଗ କର୍ମଚାରୀ ପରିଚାଳିତ ବୁଥ୍ ଏବଂ ୨୨ଟି ଅନ୍ୟାନ୍ୟ ବୁଥ ରହିଛି। ସେହିଭଳି ୨୬ଟି ଅତି ସମ୍ବେଦନଶୀଳ ଏବଂ ୪ଟି ସମ୍ବେଦନଶୀଳ ବୁଥ୍ ରହିଛି। ୧୪୨ଟି ବୁଥ୍‌ରେ ୱେବକାଷ୍ଟିଂର ବ୍ୟବସ୍ଥା କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୮୩ ହଜାର ୧୬୯ ମତଦାତାଙ୍କ ମଧ୍ୟରେ ୯୪ହଜାର ୩୩୮ ପୁରୁଷ, ୮୮ହଜାର ୮୧୧ ମହିଳା ଏବଂ ୨୦ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୧୭୨ ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି।

ସେହିଭଳି ଜଟଣୀ ନିର୍ବାଚନ ମଣ୍ଡଳୀର ୨୫୪ଟି ବୁଥ୍ ମଧ୍ୟରୁ ୧୭୮ଟି ବୁଥକୁ ପୋଲିଂ ପାର୍ଟି ଯାଇଥିବାବେଳେ ଶୁକ୍ରବାର ଅବଶିଷ୍ଟ ୭୬ଟି ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିବେ। ଏଥିମଧ୍ୟରେ ୪୭ଟି ସଖୀ ବୁଥ୍, ଗୋଟିଏ ଦିବ୍ୟାଙ୍ଗ ଏବଂ ୨୮ଟି ଅନ୍ୟାନ୍ୟ ବୁଥ୍ ରହିଛି। ୪୨ଟି ସମ୍ବେଦନଶୀଳ ଏବଂ ଦୁଇଟି ଅତି ସମ୍ବେଦନଶୀଳ ବୁଥ୍ ରହିଛି। ୧୫୩ଟି ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୪୬ହଜାର ୮୦୪ ଜଣ ଭୋଟରଙ୍କ ମଧ୍ୟରେ ୧ଲକ୍ଷ ୨୫ହଜାର ୦୭୯ ଜଣ ପୁରୁଷ, ୧ଲକ୍ଷ ୨୧ହଜାର ୬୮୬ ମହିଳା, ୩୯ ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ହଜାର ୧୯୫ ଜଣ ହେଉଛନ୍ତି ଦିବ୍ୟାଙ୍ଗ। ସେହିପରି ଶୁକ୍ରବାର ଭୁବନେଶ୍ୱର ମଧ୍ୟ, ଉତ୍ତର ଓ ଏକାମ୍ର ନିର୍ବାଚନ ମଣ୍ଡଳୀରେ ଥିବା ବୁଥ୍‌କୁ ପୋଲିଂ ପାର୍ଟିମାନେ ଯିବେ ବୋଲି ସୂଚନା ଦିଆଯାଇଛି।

# 'ବୁଦ୍ଧଙ୍କ ମାର୍ଗ ଦୁଃଖ, ଅସମାନତା ଦୂରେଇପାରିବ'

**୨୫୬୮ତମ ବୁଦ୍ଧପୂର୍ଣ୍ଣିମା ସମାରୋହ**

ଭୁବନେଶ୍ୱର,୨୩।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ମଣିଷ ଜୀବନ ଏବଂ ସମାଜରେ ଥିବା ଅସମାନତା ତଥା ଦୁଃଖକୁ ଦୂର କରିବା ପାଇଁ ବୁଦ୍ଧଙ୍କ ଅମରବାଣୀ ଓ ଦର୍ଶନର ପ୍ରାସଙ୍ଗିକତା ସମାଜରେ ସବୁବେଳେ ରହିଆସିଥିଲା, ରହିବ ମଧ୍ୟ। ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗ ସମାଜର ସବୁ ଅକୁଶଳତା ଦୂରେଇ ଦେଇପାରିବ। ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଓଡିଶା ଶାଖା ପକ୍ଷରୁ ଗୁରୁବାର ଅନୁଷ୍ଠିତ ୨୫୬୮ତମ ବୁଦ୍ଧ ପୂର୍ଣ୍ଣିମା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ଏହା କହିଛନ୍ତି। ମୁଖ୍ୟବକ୍ତା ପ୍ରମେୟର ସମ୍ପାଦକ ଗୋପାଳ ମହାପାତ୍ର ବୁଦ୍ଧ କିପରି ତତ୍‌କାଳୀନ ସମାଜରେ ଘଟୁଥିବା ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାରେ ଏକ ନୂତନ ଆଲୋକ ବର୍ତ୍ତିକା ଭାବେ ଦେଖାଦେଇଥିଲେ ତାହା ଉପରେ ଏକ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଏହି ଅବସରରେ ସାହିତ୍ୟିକ ଅସୀତ ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶିତ ମହାବୋଧି ସୋସାଇଟିର ମୁଖପତ୍ର କଳିଙ୍ଗ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସମାରୋହରେ ଓଡିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ସୋସାଇଟିର ଟ୍ରଷ୍ଟି ତଥା ଶାଖା ସମ୍ପାଦକ ଡ. ସୌରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟ ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ବୁଦ୍ଧପୂର୍ଣ୍ଣିମା ସମାରୋହରେ ଯୋଗଦେଇଥିବା ଅତିଥି।

# ପ୍ରତିଭା ଦେଖାଇଲେ କୁନିକୁନି ପିଲା

ଭୁବନେଶ୍ୱର, ୨୩।୫ (ବନ୍ଦନା ସେଠୀ)

## ଇଟିକିଲି ମିଟିକିଲି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଘାଟିତ

ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲିର ୨୯ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଗୁରୁବାର ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ଅଡ଼ିଟୋରିୟମ୍‌ଠାରେ ଆରମ୍ଭ ହୋଇଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ଉପଯୁକ୍ତ ପ୍ଲାଟ୍‌ଫର୍ମ ମିଳିବା ଆବଶ୍ୟକ। ଇଟିକିଲି ମିଟିକିଲି ଅନୁଷ୍ଠାନ ପିଲାଙ୍କୁ ଆଗକୁ ବଢିବା ପାଇଁ ଯେଉଁଭଳି ମଞ୍ଚ ପ୍ରଦାନ କରିଆସୁଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ। ଏହି ଅବସରରେ ଓଡ଼ିଆ କବିତା ଆବୃତ୍ତି ଏବଂ ଓଡ଼ିଆ ଖବରପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁସାହିତ୍ୟିକ କୃତ୍ତିବାସ ନାୟକ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପ୍ରଜ୍ଞା ପାରମିତା ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଶିଶୁପ୍ରତିଭାମାନଙ୍କୁ ଚୟନ କରିଥିଲେ। ସେହିପରି ଅପରାହ୍ନରୁ ରାତ୍ରି ପର୍ଯ୍ୟନ୍ତ ଓଡ଼ିଶୀ ଓ ଲୋକନୃତ୍ୟର ମନଛୁଆଁ କାର୍ଯ୍ୟକ୍ରମ 'ନାଦମ୍ବିକା' ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶୀ ଗୁରୁ ଦେବବ୍ରତ ଦାସ, ଗୁରୁ ପୀତାମ୍ବର ବିଶ୍ୱାଳ ଓ ପ୍ରାଧ୍ୟାପକ ଜେନାମଣି ସଞ୍ଜୀବ କୁମାର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସମସ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ର ପୌରୋହିତ୍ୟ କରିଥିବାବେଳେ ଖବର ଉପସ୍ଥାପକ ସଂଗ୍ରାମ ଷଡ଼ଙ୍ଗୀ, ସ୍କୁଲର ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତ, ସଦସ୍ୟ ରଜନୀକାନ୍ତ ରାଉତ, ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୨୬ ତାରିଖରେ ଏଠାରେ କଣ୍ଠ ସଙ୍ଗୀତ, ଶିଶୁ ସୌନ୍ଦର୍ଯ୍ୟ ପ୍ରଦର୍ଶନ, ସଙ୍ଗୀତ ଭିତ୍ତିକ ନୃତ୍ୟ ଓ ପିତା-ମାତାଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଚିବ ଶରତ ନାୟକ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ କୁନି ପ୍ରତିଭା।

# ୟୁପିଏସ୍‌ସି ଆଶାୟୀଙ୍କୁ ମାର୍ଗଦର୍ଶନ ଦେଲେ ଅନିମେଶ

ଭୁବନେଶ୍ୱର,୨୩।୫
(ଅନୁରାଧା ମହାରଣା)

## ବାଜିରାଓ ଆଇଏଏସ୍ ଏକାଡେମୀରେ 'ଟକ୍ ଟୁ ଆଇଏଏସ୍ ଟପ୍ପର'

ବାଜିରାଓ ଆଇଏଏସ୍ ଏକାଡେମୀ ପକ୍ଷରୁ ଗୁରୁବାର 'ଟକ୍ ଟୁ ଆଇଏଏସ୍ ଟପ୍ପର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ପ୍ରଶାସନିକ ସେବା-୨୦୨୩ରେ ଦ୍ୱିତୀୟ ସ୍ଥାନରେ ଥିବା ଓଡ଼ିଶାର ଅନିମେଶ ପ୍ରଧାନଙ୍କ ସହ ଆଲୋଚନା କରିବା ପାଇଁ ୟୁପିଏସ୍‌ସି ଆଶାୟୀମାନେ ସୁଯୋଗ ପାଇଥିଲେ। ଜଣେ ୟୁପିଏସ୍‌ସି ଆଶାୟୀ ଦିଲ୍ଲୀରେ ରୁହନ୍ତୁ କି ନିଜ ଜନ୍ମ ମାଟିରେ, ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ପାଠପଢ଼ା ପ୍ରତି କେତେ ଉତ୍ସର୍ଗୀକୃତ, କେତେ ପରିଶ୍ରମ କରୁଛନ୍ତି, ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଅନିମେଶ କହିଛନ୍ତି। ପାଠପଢ଼ାରେ ଟେକ୍ନୋଲୋଜି ବର୍ତ୍ତମାନ ବହୁଳ ଭାବେ ଉପଯୋଗୀ ହୋଇପାରୁଛି। ଏହାର ସକାରାତ୍ମକ ବ୍ୟବହାର ଜରୁରୀ। ପିଲାମାନେ କୌଣସି ଗୋଟିଏ ଉପାୟକୁ ଅଧ୍ୟୟନ ସମୟରେ ନ ଆପଣାଇ ନିଜକୁ ସୁହାଇଲା ଭଳି ଉପାୟ ବାହାର କରିବା ଉଚିତ। କିପରି ପଢ଼ିଲେ ଅଳ୍ପ ସମୟରେ ଅଧିକ ପାଠ ମନେରହୁଛି, ତାହା ନିଜେ ନିଜକୁ ପରଖିବା ଉଚିତ। ପାଠ ମନେ ରଖିବା, ପାଠକୁ ବୁଝିବା ମହତ୍ତ୍ୱପୂର୍ଣ୍ଣ। ଆଶାୟୀମାନେ ପାଉଥିବା ଷ୍ଟଡି ମ୍ୟାଟେରିଆଲ ମଧ୍ୟରୁ କେଉଁଗୁଡ଼ିକ ପରୀକ୍ଷା ଉପଯୋଗୀ ତାହା ବାଛିବା ଦାୟିତ୍ୱ ମଧ୍ୟ ପିଲାଙ୍କର। ପଢ଼ିବା ସମୟରେ କୌଣସି ବିଷୟବସ୍ତୁ ଅବୁଝା ଲାଗିଲେ ତୁରନ୍ତ ମୋବାଇଲ୍ ଫୋନ୍‌ରେ ଉତ୍ତର ଖୋଜିବା ଉଚିତ ନୁହେଁ, ବରଂ ଅବୁଝା ବିଷୟ ବା ଶବ୍ଦକୁ ଲେଖି ରଖି ପରବର୍ତ୍ତୀ ସମୟରେ ତାହାକୁ ବିସ୍ତୃତ ଭାବେ ପଢ଼ିନେବା ଉଚିତ ବୋଲି ଅନିମେଶ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ନିଜର ସଫଳତା ପଛରେ ରହିଥିବା ସଂଘର୍ଷ ସମ୍ପର୍କରେ କହିଥିଲେ। ମାଆଙ୍କର କ୍ୟାନ୍‌ସର ଚିକିତ୍ସା ଭିତରେ ସମୟ ବାହାର କରି ପାଠ ପଢ଼ିବା ଏବଂ ରେଜଲ୍ଟ ବାହାରିବାର ଠିକ୍ ଏକମାସ ପୂର୍ବରୁ ମାଆଙ୍କ ଦେହାନ୍ତ ତାଙ୍କ ପାଇଁ ସବୁଠୁ କଠିନ ସମୟ ଥିଲା। ଏ ପରିସ୍ଥିତିରେ ସେ କିପରି ପାଠପଢ଼ାକୁ ଆଗେଇ ନେଇଥିଲେ ସେନେଇ ବିସ୍ତୃତ ଭାବରେ ଆଲୋଚନା କରି ଉପସ୍ଥିତ ଆଶାୟୀଙ୍କୁ ଉତ୍ସାହିତ କରିଥିଲେ। ଏକାଡେମୀର ଫାଉଣ୍ଡର ଡାଇରେକ୍ଟର ଦିଲୀପ କୁମାର ଏହି ଅବସରରେ ଅନିମେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଠିକ୍ ମାର୍ଗଦର୍ଶନରେ କଠିନ ପରିଶ୍ରମ ଓ ଉପଯୁକ୍ତ ଷ୍ଟଡି ମ୍ୟାଟେରିଆଲର ଅଧ୍ୟୟନ ଛାତ୍ରୀଛାତ୍ରଙ୍କୁ ସଫଳତାର ରାସ୍ତା ଦେଖାଇପାରିବ ବୋଲି ଦିଲୀପ କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶିକା ଜ୍ୟୋତି କୁମାରୀ ଓ ପ୍ରୋଗ୍ରାମିଂ ଡାଇରେକ୍ଟର ବ୍ରିଜେଶ ଭାରତୀ ଉପସ୍ଥିତ ଥିଲେ। ସିଇଓ ଶୁଭ୍ରାଂଶୁ ଶେଖର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।




ସର୍ବଭାରତୀୟ ପ୍ରଶାସନିକ ସେବା-୨୦୨୩ର ର୍‍ୟାଙ୍କ ୨ରେ ଥିବା ଅନିମେଶ ପ୍ରଧାନଙ୍କ ସହ ଅନ୍ୟ ଅତିଥି।

**ଜମିଜମା ବିବାଦରୁ କଟୁରିରେ ଆକ୍ରମଣ**

ସାକ୍ଷୀଗୋପାଳ,(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର): ଜମିଜମା ବିବାଦକୁ କେନ୍ଦ୍ରକରି ସତ୍ୟବାଦୀ ବ୍ଲକ ବଳରାମପୁରଗଡ଼ ପଞ୍ଚାୟତ ନୂଆଶାସନ ଗ୍ରାମର ଯୁଧିଷ୍ଠିର ମୁଦୁଲିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମକଦ୍ଦମା (ନଂ.୧୬୦/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଆଇଆଇସି ଉମେଶ ସାହୁ କହିଛନ୍ତି। ନୂଆଶାସନ ଗ୍ରାମର ଯୁଧିଷ୍ଠିର ଗୁରୁବାର ସକାଳୁ ଚାହା ପିଇବାକୁ ଗାଁ ପାଖ ଛକକୁ ଆସୁଥିଲେ। ସେହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ବଳରାମ ବିଶ୍ୱାଳ ଏକ କଟୁରି ସାହାଯ୍ୟରେ ଯୁଧିଷ୍ଠିରଙ୍କ ମୁଣ୍ଡ ଓ ୨ ହାତକୁ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁଧିଷ୍ଠିରଙ୍କୁ ପୁରୀ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୫।୨୦୨୪

| | |
|---|---|
| ୬,୩୫,୯୩୮ ଟଙ୍କା | |
| ସୁନା | ୫.୫୦୦ଗ୍ରାମ୍ |
| ରୁପା | ୧୪୫.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ପ୍ରତ୍ୟେକ ଭୋଟର ନିଶ୍ଚିତ ମତଦାନ କରନ୍ତୁ: ଜିଲାପାଳ

ପୁରୀ, ୨୩।୫(ଅଜିତ୍ କୁମାର ମହାନ୍ତି)

ସ୍ୱଚ୍ଛ ତଥା ସୁଦୃଢ଼ ଗଣତନ୍ତ୍ର ପାଇଁ ପ୍ରତ୍ୟେକ ନାଗରିକଙ୍କ ମତଦାନ ଅତ୍ୟନ୍ତ ମୂଲ୍ୟବାନ। ଚଳିତ ମାସ ୨୫ ତାରିଖ (ଶନିବାର)ରେ ୧୦୭-ପୁରୀ, ୧୦୮-ବ୍ରହ୍ମଗିରି, ୧୦୯-ସତ୍ୟବାଦୀ ଏବଂ ୧୧୦-ପିପିଲି ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ନିମନ୍ତେ ସମସ୍ତ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ସେହିପରି ଦେଶରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ଜୁନ ୧ ତାରିଖ (ଶନିବାର)ରେ ୧୦୫-କାକଟପୁର (ଏସ୍.ସି) ଓ ୧୦୬-ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ନିମନ୍ତେ ସମସ୍ତ ମତଦାନ କେନ୍ଦ୍ରରେ ସକାଳ ୭ରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ମତଦାତା ଉପରୋକ୍ତ ତାରିଖରେ ନିଜ ନିଜ ନିର୍ବାଚନମଣ୍ଡଳୀର ବୁଥ୍‌କୁ ଯାଇ ମତଦାନ କରି ଏହି ଦିବସକୁ ମତଦାତା ଉତ୍ସବ ଦିବସ ଭାବେ ପାଳନ କରିବାକୁ ଜିଲାପାଳ ସ୍ୱାଇଁ ଅନୁରୋଧ କରିଛନ୍ତି।

### ବିଜେଡିରେ ସାମିଲ ହେଲେ ଭାଜପା, କଂଗ୍ରେସ କର୍ମୀ

ଗୋପ, ୨୩।୫(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ବାରବାଟି ପଡ଼ିଆରେ ଗୁରୁବାର ଅନୁଷ୍ଠିତ ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସଭାରେ ଗୋପ ବ୍ଲକ ଅଧୀନ ବନ୍ତଲିଗ୍ରାମ ପଞ୍ଚାୟତର ଅନେକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ନିମାପଡ଼ା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସୁବ୍ରତ ଛାଟୋଇଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଛାଟୋଇ ଏହି କର୍ମୀଙ୍କୁ ବିଜେଡି ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିବା ପରେ ଦଳ ଲାଗି କାର୍ଯ୍ୟକ୍ରମ କରିବାକୁ କହିଥିଲେ। ବନ୍ତଲିଗ୍ରାମ ପଞ୍ଚାୟତର ଅନେକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏପରି ମିଶ୍ରଣ ଓ ନିର୍ବାଚନ ସମ୍ପର୍କରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଛାଟୋଇଙ୍କୁ ପଚାରିବାରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶରେ ନିମାପଡ଼ାରେ ନୂଆ ମୁହଁ ଭାବରେ ଦିଲୀପ ନାୟକଙ୍କୁ ପ୍ରାର୍ଥୀ କରାଯାଇଛି। ଦଳ ବିକାଶ ମୂଳକ କାର୍ଯ୍ୟରେ ରହିଛି। ସ୍ୱତଃ ପ୍ରବୃତ୍ତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କରି ଯୋଡ଼ି ଶଙ୍ଖରେ ଭୋଟ ଦେବେ ବୋଲି କହିଛନ୍ତି।

# 'ନବୀନ ବାବୁ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି'

## କାକଟପୁର, ନିମାପଡ଼ାରେ ପାଣ୍ଡିଆନଙ୍କ ପ୍ରଚାର

କାକଟପୁର/ଅସ୍ତରଙ୍ଗ/ ନିମାପଡ଼ା, ୨୩।୫ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)



କାକଟପୁରଠାରେ ଆୟୋଜିତ ସମାବେଶରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି ।

ଜଗତ୍‌ସିଂହପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ କାକଟପୁର ଏବଂ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଗୁରୁବାର ପ୍ରଚାର କରିଛନ୍ତି। ପୁରୀ ଜିଲା କାକଟପୁର ବ୍ଲକ ପଡ଼ିଆରେ ଆୟୋଜିତ ସଭାମଞ୍ଚରେ ପାଣ୍ଡିଆନ୍ କେନ୍ଦ୍ର ଉପରେ ବର୍ଷିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ବିକାଶ ଲାଗି ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ଜୁନ ୯ରେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଶପଥ ନେବା ପରେ ବିଜୁଳି ବିଲ୍ ଛାଡ଼ ଉପରେ ପ୍ରଥମେ ଦସ୍ତଖତ କରିବେ। ଯୋଡ଼ି ଶଙ୍ଖ ବାଜି ନବୀନ ବାବୁଙ୍କ ଇଞ୍ଜିନ ଚାଲିବ ବୋଲି ପାଣ୍ଡିଆନ୍ କହିଥିଲେ। କାକଟପୁର ମା' ମଙ୍ଗଳାଙ୍କ ଉନ୍ନତୀକରଣ ପାଇଁ ୧୪.୫୦କୋଟି ଟଙ୍କା, ରାମଚଣ୍ଡୀ ବେଳାଭୂମି ଉନ୍ନତୀକରଣ ନିମନ୍ତେ ୨୫କୋଟି ଟଙ୍କା, କୋଣାର୍କର ସର୍ବାଙ୍ଗୀନ ଉନ୍ନତୀକରଣ ପାଇଁ ୩୦୬କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ପ୍ୟାକେଜ ଘୋଷଣା କରିଛନ୍ତି। ଏହାସହ ପାନ ଚାଷୀଙ୍କୁ ସ୍ୱତନ୍ତ୍ର ପ୍ୟାକେଜ, ମମତା ଯୋଜନା ସହାୟତା, ମତ୍ସ୍ୟଜୀବୀଙ୍କୁ ୧୫ହଜାର ଟଙ୍କା ସହାୟତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଛନ୍ତି। ନବୀନ ବାବୁ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି ବୋଲି ପାଣ୍ଡିଆନ କହିଥିଲେ। ତୁଷାରକାନ୍ତି ବେହେରାଙ୍କୁ ୭୦ହଜାର ଭୋଟରେ ଜିତାଇବାକୁ ଅପିଲ୍ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ମଧ୍ୟ ନିଜ ଉଦ୍‌ବୋଧନରେ କେନ୍ଦ୍ର ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ବର୍ଷିଥିଲେ। କେନ୍ଦ୍ରର ମାଗଣା ବିଜୁଳି, ପ୍ରତିବର୍ଷ ୨କୋଟି ରୋଜଗାର, ଅତ୍ୟାବଶ୍ୟକ ସାମଗ୍ରୀ ଦରହ୍ରାସ ପ୍ରତିଶ୍ରୁତି, ବିମୁଦ୍ରୀକରଣ ହେବା ପରେ କଳାଟଙ୍କା କୁଆଡ଼େ ଗଲା ବୋଲି ତୁଷାରକାନ୍ତି ପ୍ରଶ୍ନ କରିଥିଲେ।

ସେହିପରି ନିମାପଡ଼ାରେ ଆୟୋଜିତ ସମାବେଶରେ ପାଣ୍ଡିଆନ୍ ଯୋଗ ଦେଇ ନବୀନ ବାବୁ ୬ଷ୍ଠ ଥର ପାଇଁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଜୁଲାଇ ୧ରୁ ବିଦ୍ୟୁତ୍ ବିଲ୍ ଛାଡ଼ କରିବା ସହ ସବୁବର୍ଗର ଲୋକଙ୍କ ପାଇଁ ବିଏସ୍‌କେୱାଇ ଲାଗୁ କରିବା, ମିଶନ ଶକ୍ତି ମହିଳା ଓ ମା'ମାନଙ୍କ ପାଇଁ ପେନ୍‌ସନ ଯୋଜନା ଲାଗୁ କରିବାକୁ ସ୍ୱାକ୍ଷର କରିବେ ବୋଲି ପାଣ୍ଡିଆନ କହିଥିଲେ। ମୁଖ୍ୟମନ୍ତ୍ରୀ ସଦାସର୍ବଦା ରାଜ୍ୟବାସୀ, ଦଳର ନେତା, କର୍ମୀ, ଓଡ଼ିଶା ମୋ ପରିବାରର ଲୋକଙ୍କୁ ଶାନ୍ତିର ବାର୍ତ୍ତା ଦେଇ ଆସିଛନ୍ତି। କେନ୍ଦ୍ର ତଥା ବାହାର ରାଜ୍ୟର ନେତାମାନେ ଅତିଥି ଭାବେ ଆମ ରାଜ୍ୟକୁ ନିର୍ବାଚନ ପ୍ରଚାରରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନ କରିବା ଘଟଣା ଆଦୌ ବରଦାସ୍ତ କରାଯିବ ନାହିଁ। ନିର୍ବାଚନ ଫଳାଫଳ ପ୍ରକାଶ ପରେ ରାଜ୍ୟବାସୀ ଏହାର କଡ଼ା ଜବାବ ଦେବେ। ନିମାପଡ଼ା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଧ୍ୟାନ ରହିବ ବୋଲି ପାଣ୍ଡିଆନ କହିଛନ୍ତି। ସମାବେଶରେ ବିଜେଡି ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ଉପସ୍ଥିତ ଥିବାବେଳେ ଦୁହିଁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିମାପଡ଼ାରେ ବିଜୟ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। କାକଟପୁର ନିର୍ବାଚନମଣ୍ଡଳୀରେ ଆୟୋଜିତ ସମାବେଶରେ ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବିଭିନ୍ନ ଜୋନର ଜିଲାପରିଷଦ ସଭ୍ୟାସଭ୍ୟ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ପୁରୀ ଟାଏକୋଣ୍ଡୋ ଏକାଡେମୀର ବାର୍ଷିକ ଉତ୍ସବରେ ଗୁରୁବାର ପିଲାମାନେ ମାହାରୀ ନୃତ୍ୟ ପରିବେଷଣ କରୁଛନ୍ତି ।(ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## କୁରୁମ ବୌଦ୍ଧପୀଠରେ ବୁଦ୍ଧ ଜୟନ୍ତୀ ଉତ୍ସବ

ଅସ୍ତରଙ୍ଗ, ୨୩।୫(ମମତା ଜେନା):

କାକଟପୁର ବ୍ଲକ କୁରୁଜଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଐତିହାସିକ ବୌଦ୍ଧ ପୀଠ କୁରୁମଠାରେ କୁରୁମ ବୌଦ୍ଧପୀଠ ବିକାଶ ପରିଷଦ, ଯମଧର୍ମ (ଚାରିଗାଁ) ପକ୍ଷରୁ ଗୁରୁବାର ୬୨ତମ ବୁଦ୍ଧ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି ଆଇନଜୀବୀ ହରେକୃଷ୍ଣ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ, ସମ୍ମାନିତ ଅତିଥି ଭାବେ କାକଟପୁର ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶଚନ୍ଦ୍ର ଦାଶ, କୋଣାର୍କ ଅଞ୍ଚଳର ଗବେଷକ ସଞ୍ଜୟ ବରାଳ, ମୁଖ୍ୟବକ୍ତା ଭାବେ କାଳନ୍ଦୀ ଚରଣ ଛାଟୋଇ ଯୋଗ ଦେଇଥିଲେ। ଅତିଥିମାନେ ବୈଶାଖ ପୂର୍ଣ୍ଣିମାର ମହତ୍ତ୍ୱ, ଭଗବାନ ବୁଦ୍ଧଙ୍କ ଜୀବନ ଆଦର୍ଶ ଓ ତାଙ୍କର ବିଚାରଧାରା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ପ୍ରତାପ ରାଉତ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଗନ୍ଧର୍ବ ସେନାପତି ଧନ୍ୟବାଦ ଦେଇଥିଲେ। ପରିଷଦ ପକ୍ଷରୁ ମଞ୍ଚ କଳାକାର ପ୍ରଫୁଲ୍ଲ ସେନାପତିଙ୍କୁ ଚାରିଗାଁ କଳାଶ୍ରୀ ସମ୍ମାନ ଏବଂ ପ୍ରିୟଙ୍କା ବେହେରା ଓ ଇପ୍ସିତା ସ୍ୱାଇଁଙ୍କୁ ଚାରିଗାଁ ସୁରଭି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଧାପକ ସୁଧୀର ଚନ୍ଦ୍ର ଭୂୟାଁ, ଅଭୟ ବିଶ୍ୱାଳ, ଅଭୟ ସ୍ୱାଇଁ, କପିଳ ଭୂୟାଁ, ମୁରଲୀଧର ସେନାପତି, ବାନାମ୍ବର ଭୂୟାଁ, ଈଶ୍ୱର ନାୟକ, ଅଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇ ଡ୍ୟାନ୍ସ ଏକାଡେମୀ ମହାବୀର ଭଜନ ଧାରା ଇତ୍ୟାଦି ଦର୍ଶକଙ୍କ ମନ ମୋହିଥିଲା।




ବୁଦ୍ଧ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ସୁନିଲଙ୍କ ପାଇଁ ମା', ଭାଜପା ପ୍ରାର୍ଥୀଙ୍କ ଲାଗି ପ୍ରଚାର କଲେ କୈଳାସ

ପୁରୀ, ୨୩।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୫ ତାରିଖରେ ହେବାକୁ ଥିବା ମତଦାନ ପାଇଁ ଗୁରୁବାର ନିର୍ବାଚନ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ବିଜେଡି, ଭାଜପା ଓ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଜୋରସୋର ପ୍ରଚାର କରିଥିବା ଦେଖିବାକୁ ମିଳିଛି। ନିଜ ସପକ୍ଷରେ ମତଦାନ କରିବା ନିମନ୍ତେ ପ୍ରାର୍ଥୀମାନେ ଜନସାଧାରଣଙ୍କୁ ମନାଇବାକୁ ବିଭିନ୍ନ ପ୍ରକାର ଉଦ୍ୟମ କରିବା ଅନେକ ପ୍ରତିଶ୍ରୁତି ଦେଇଥିଲେ। ପୁରୀ ନିର୍ବାଚନମଣ୍ଡଳୀର ବିକାଶକୁ ପ୍ରସଙ୍ଗ କରି ବିଜେଡି ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତିଙ୍କ ପାଇଁ ତାଙ୍କ ମା' ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ସହଧର୍ମିଣୀ ବିଷ୍ଣୁପ୍ରିୟା ମହାନ୍ତି ପ୍ରଚାର କରିଥିଲେ। ବିଷ୍ଣୁପ୍ରିୟା ବାଇକ ରାଲିରେ ପୁରୀର ବିଭିନ୍ନ ୱାର୍ଡ ବୁଲି ପ୍ରଚାର କରିଥିଲେ। ସେହିପରି ଭାଜପାର ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ମଧ୍ୟ ବିଭିନ୍ନ ୱାର୍ଡ ବୁଲି ପ୍ରଚାର ଶେଷ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ମଧ୍ୟ ବିଭିନ୍ନ ୱାର୍ଡରେ ପ୍ରଚାର କରିଥିଲେ। ସେହିପରି ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀଙ୍କ ସପକ୍ଷରେ ଭୋଟ ଦେବା ନିମନ୍ତେ ବଲିଉଡ୍ ଗାୟକ କୈଳାସ ଖେର ବଡ଼ଦାଣ୍ଡରେ ରୋଡ୍ ଶୋ' କରିଥିଲେ। ପ୍ରଚାର ଶେଷ ପରେ ସମ୍ବିତ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ନିଜ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ। ତାଙ୍କର କେବଳ ଶ୍ରୀଜଗନ୍ନାଥ ଓ ପୁରୀବାସୀ ଅଛନ୍ତି। ମହାପ୍ରଭୁ ଯାହା କରିବେ ତାହା ସ୍ୱୀକାର ବୋଲି ସମ୍ବିତ କହିଥିଲେ।

## ରଥଖଳାରୁ...

### ନାହାକ ତୁମ୍ବରେ ଅର ସଂଯୋଗ, ସିଙ୍ଗଡ଼ା ବାଡ଼ିଆ ଅନୁକୂଳ

ପୁରୀ, ୨୩।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ତ୍ରୟୋଦଶ ଦିବସରେ ଗୁରୁବାର ରଥଖଳା ଯନ୍ତା ଗାଡ଼ଠାରେ ତିନି ରଥର ଗୋଟିଏ ଲେଖାଏ ନାହାକ ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡିଆ ଅନୁକୂଳ ପୂଜା ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱର ଭୋଇ ସେବକମାନଙ୍କ ସହଯୋଗରେ ସମ୍ପନ୍ନ ହୋଇଛି। ଏଥିସହ ତିନି ରଥର ଦୁଇ ଦୁଇଟି ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡିଆ ପରେ ତୁମ୍ବରେ ଅଖବିନ୍ଧ ପାଇଁ ଭୋଇ ସେବକମାନେ ତିନି ରଥ ମହାରଣା ସେବକଙ୍କୁ ଯୋଗାଇଛନ୍ତି। ମହାରଣା ସେବକମାନେ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ଦେବା ପରେ ବିଧି ପ୍ରକାରେ ପାଇ ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ହେବା ପରେ ସହଯୋଗୀ ମହାରଣା ସେବକ ପାଇରେ ବିନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଅର ସଂଯୋଗ ତୁମ୍ବରେ ଅଖ ବିନ୍ଧ କରାଯାଇଛି। ତିନିରଥର ଗୁଜ, ଜଳଜନ୍ତ୍ର, ତୀଖ ଗୁଜ ଚଉପଟ ସରିଛି। ପ୍ରଥମ ଦଫାରେ ଏଗାରଟି ଲେଖାଏ ଚଉପଟ ଗୁଜରେ ରୂପକାର ସେବକମାନେ ନୃସିଂହ ରୂପ ଖୋଦେଇ ଆରମ୍ଭ କରିଛନ୍ତି।



## ବୋଧିଚକ୍ର ଆନୁକୂଲ୍ୟରେ ବୁଦ୍ଧ ପୂର୍ଣ୍ଣିମା ପାଳିତ

ପୁରୀ, ୨୩।୫ (ଅଜିତ୍ କୁମାର ମହାନ୍ତି)



ପୁରୀ ବୁଦ୍ଧ ମନ୍ଦିରରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ଜଳାଶାୟୀ କରାଯାଉଛି ।

ବୁଦ୍ଧ ପୂର୍ଣ୍ଣିମା ଅବସରରେ ଗୁରୁବାର ଗାନ୍ଧୀ ସ୍ମୃତି ପୀଠ ପରିସରସ୍ଥ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ବୌଦ୍ଧିକ ଅନୁଷ୍ଠାନ ବୋଧିଚକ୍ର ଆନୁକୂଲ୍ୟରେ ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢୀ ଅଧ୍ୟକ୍ଷତା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୌଦ୍ଧ ଧର୍ମର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ରମାବଲ୍ଲଭ ମହାପାତ୍ର, ଉପାସକ ରମେଶ ଚନ୍ଦ୍ର ଦାସ, ସମାଜସେବୀ ବାସୁଦେବ ସାହୁ, ପୁଷ୍ପା ପାତ୍ର, ଶଙ୍କରନାଥ ବାନାର୍ଜୀ, ଅଧ୍ୟାପକ ବିଭୂତି ଭୂଷଣ କର, ଦେବରାଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପିପିଲିରେ ୫୦ ଉତ୍ତେଜନା ପ୍ରବଣ ବୁଥ୍

ପିପିଲି, ୨୩।୫(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବିଧାନସଭା ଆସନ ପାଇଁ ସାଧାରଣ ନିର୍ବାଚନ ଆଉ ମାତ୍ର ଗୋଟିଏ ଦିନ ବାକି ଅଛି। ପିପିଲି ଥାନା ଅଞ୍ଚଳରେ ମୋଟ ୧୩୬ ବୁଥ୍ ରହିଥିବାବେଳେ ସେଥିମଧ୍ୟରୁ ୫୦ଟି ଉତ୍ତେଜନା ପ୍ରବଣ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ସମସ୍ତ ବୁଥ୍‌ରେ ଭୋଟ ଗ୍ରହଣ କିପରି ଶାନ୍ତି ଶୃଙ୍ଖଳାର ସହ ହେବ ତାକୁ ନେଇ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତି ବୁଥ୍‌ରେ ପୁଲିସର ବ୍ୟବସ୍ଥା କରାଯାଇଥିବାବେଳେ ଉତ୍ତେଜନା ପ୍ରବଣ ଚିହ୍ନଟ ବୁଥ୍‌ରେ ଜଣେ କନେଷ୍ଟବଳ, ଏବଂ ୩ ଜଣ ସଶସ୍ତ୍ର କେନ୍ଦ୍ରୀୟ ବଳ ଫୋର୍ସ ମୁତୟନ ସହିତ ୧୦ଟି ପାଟ୍ରୋଲିଂ ଗାଡି ଏବଂ ସେମାନଙ୍କୁ ତଦାରଖ କରିବାକୁ ୨ ଜଣ ସେକ୍ଟର ଅଫିସର ମୁତୟନ ହୋଇଛନ୍ତି। ଏଥିନେଇ ଆଇଆଇସି ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ତା ବ୍ୟତୀତ ନିର୍ବାଚନ ପୂର୍ବରୁ ଯେମିତି କେଉଁ ଜାଗାରେ ବିଶୃଙ୍ଖଳା ସୃଷ୍ଟି ନ ହୁଏ, ସେଥିପ୍ରତି ଧ୍ୟାନ ଦେଇ ପ୍ରତି ମୁହୂର୍ତ୍ତରେ ପାଟ୍ରୋଲିଂ କରାଯାଉଥିବା ଆଇଆଇସି କହିଛନ୍ତି।



ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍‌ରେ ନିର୍ବାଚନ ପରିଚାଳନା ପାଇଁ ଗୁରୁବାର ପୋଲିଂ ପାର୍ଟି ନିଜ ବୁଥ୍ ଅଭିମୁଖେ ବାହାରିଛନ୍ତି ।

## ମହାପ୍ରଭୁଙ୍କୁ ଦର୍ଶନ କଲେ କଣ୍ଠଶିଳ୍ପୀ କୈଳାସ ଖେର୍

ପୁରୀ, ୨୩।୫(ଅଜିତ୍ କୁମାର ମହାନ୍ତି)

ବଲିଉଡ୍‌ର ପ୍ରସିଦ୍ଧ କଣ୍ଠଶିଳ୍ପୀ କୈଳାସ ଖେର୍ ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କୈଳାସ ପୁରୀରେ ପହଞ୍ଚି ଏକ ନିର୍ବାଚନୀ ସଭାରେ ଯୋଗଦେବା ପରେ ଶ୍ରୀମନ୍ଦିର ଆସି ଶ୍ରୀବିଗ୍ରହଙ୍କୁ ଦର୍ଶନ କରିଥିଲେ। ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ଶ୍ରୀମନ୍ଦିର ସେବାୟତ ମଧୁସୂଦନ ସିଂହାରୀ ତାଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ସେ ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତି ଓ ପରେ ଭିତରବେଢାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀଙ୍କ ସମେତ ଅନ୍ୟ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କୈଳାସ କହିଥିଲେ, ପବିତ୍ର ଧାମକୁ ଆସି ମହାପ୍ରଭୁଙ୍କ ଦର୍ଶନ କରି ବେଶ ଆନନ୍ଦ ଲାଗିଲା। ନିଜକୁ ଭାଗ୍ୟବାନ ମନେ କରୁଛି। ଦେବସଭାରେ ପୁରୀ ବିଷୟରେ ଚର୍ଚ୍ଚା ହୋଇଥାଏ। ସେଭଳି ପବିତ୍ର ଧାମକୁ ଆସି ଜୀବନ ପବିତ୍ର ହୋଇଗଲା। ଏ ଦେବ ଭୂମି ପୁରୀ ତଥା ଓଡ଼ିଶା ମାଟିରେ ଜନ୍ମଗ୍ରହଣ କରିଥିବା ସମସ୍ତ ଜନସାଧାରଣ ଭାଗ୍ୟବାନ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ସେ ହିନ୍ଦୀ ଭଜନଟିଏ ଗାଇଥିଲେ।

## ଭାରସାମ୍ୟ ହରାଇ ଘରେ ପଶିଗଲା ଟ୍ରାକ୍ଟର: ଚାଳକ ମୃତ

କଣାସ, ୨୩।୫(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ଥାନା ଅଧୀନ ବେଣାଗାଁ ନିକଟ ଦୟାନଦୀ ବନ୍ଧରେ ଏକ ହମ୍ପସ୍ ପାରି ହେଉଥିବା ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଜଣଙ୍କ ଘରେ ଭିତରକୁ ପଶି ଯାଇଥିଲା। ଫଳରେ ଘର ଭିତରେ ଖାଇ ବସିଥିବା ସ୍ୱାମୀ, ସ୍ତ୍ରୀ ଅଳ୍ପକେ ବଞ୍ଚିଯାଇଥିଲେ। କିନ୍ତୁ ଚାଳକ ଜଣକ ଗାଡ଼ିରୁ ଛିଟିକି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବିମ୍ବଧର ମହାପାତ୍ର (୪୫)। ଖବର ନେବାରେ ଜଣାପଡିଛି ବୁଧବାର ରାତି ୧୧ଟା ସମୟରେ ଗୋଟିଏ ଟ୍ରାକ୍ଟର(ଓଡି୧୩ଏଲ୍୮୪୮୭) କଣାସଠାରୁ ଦୟାନଦୀ ବନ୍ଧରେ ଜଙ୍କିଆ ଗଡ଼ସାହି ଯାଉଥିଲା। ସେହି ସମୟରେ ଏକ ହମ୍ପସ୍ ପାରିହେଉଥିବାବେଳେ ଭାରସାମ୍ୟ ହରାଇ ବନ୍ଧ ତଳକୁ ଚାଲି ଯାଇଥିଲା। ଟ୍ରାକ୍ଟରଟି ବନ୍ଧ ତଳେ ଥିବା ବାନାମ୍ବର ମହାପାତ୍ରଙ୍କ ଘର ଭିତରେ ପଶିଯାଇଥିଲା। ଚାଳକ ବିମ୍ବଧର ଗାଡ଼ିରୁ ଛିଟିକି ତଳେ ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହେଉଥିଲା। ସ୍ଥାନୀୟ ଲୋକେ କଣାସ ପୋଲିସକୁ ଖବର ଦେବା ସହ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ଚାଳକ ବାନାମ୍ବରଙ୍କୁ ଚିକିତ୍ସା ପାଇଁ ପୁରୀ ପଠାଇଥିଲେ। ବହୁମାତ୍ରାରେ ରକ୍ତଶ୍ରାବ ଯୋଗୁ ବାନାମ୍ବରଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ପ୍ରକାଶ କରିଥିଲେ। ଖବରପାଇ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଘଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିଥିଲେ।

## ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରସାଗର ମହୋତ୍ସବ

ପୁରୀ, ୨୩।୫(ଅଜିତ୍ କୁମାର ମହାନ୍ତି)



ପ୍ରଭୁ ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରାଭିଷେକ କରାଯାଉଛି ।

ପୁରୀର ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରସାଗର ମହୋତ୍ସବ ଗୁରୁବାର ବୈଶାଖ ପୂର୍ଣ୍ଣିମାରେ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ଶଙ୍କରେଶ୍ୱରଙ୍କୁ କ୍ଷୀରରେ ସ୍ନାନ କରାଯିବା ସହ ସ୍ୱତନ୍ତ୍ର ରୀତିନୀତି ସହ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ମହୋତ୍ସବରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ଅଠର ଦେଶ ଯାଦବ ସମିତିର ସଭାପତି ଗଙ୍ଗାଧର ବେହେରା, ଉପସଭାପତି ଚିରଞ୍ଜନ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ଯାଦବ, ସହସମ୍ପାଦକ ପୀତବାସ ବେହେରା, କୋଷାଧ୍ୟକ୍ଷ ଗୌରାଙ୍ଗ ବେହେରା, ପୁରୀ ସିଂହସ୍ଥାନ ଯାଦବ ସମିତିର ସଭାପତି ସନ୍ତୋଷ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ମୁରବି ରବି ବେହେରା, ପ୍ରଦୀପ୍ତ ବେହେରା, କବି ବେହେରା, ପ୍ରଫୁଲ୍ଲ ବେହେରା, ଉପଦେଷ୍ଟା ଶଙ୍କର ବେହେରା, ଗୁଣ୍ଡୁଚି ବେହେରା, ଇନ୍ଦିରା ବେହେରା, ଗଦାଧର ବେହେରା, ଧାଡୁ ବେହେରା, ଶନିଆ ମହାଲୋଇ, ଭିକାରି ବେହେରା, ମକୁ ଜେନା, ବୀରେନ୍ଦ୍ର ବେହେରା, ଭିକାରୀ ମହାକୁଡ଼, କବି ବେହେରା, ବୀରକିଶୋର ବେହେରା, ସୁରେଶ ମାଣିଆ, କାଳିଆ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଲୋକ କଥା ଅନୁଯାୟୀ, ଜଗନ୍ନାଥ ବିଦ୍ୟାଧରପୁରର କୃଷ୍ଣ ବେହେରା ନାମକ ବ୍ୟକ୍ତି ଶଙ୍କରପୁରରେ ଗାଈଗୋଠ କରିଥିଲେ। ଗୋଠରୁ ଏକ କାଳିଗାଈ ପ୍ରତ୍ୟହ ପ୍ରାତଃକାଳରୁ ଆସି ବର୍ତ୍ତମାନର ପ୍ରତିଷ୍ଠିତ ଶଙ୍କରେଶ୍ୱର ମହାଦେବଙ୍କ ଆସ୍ଥାନରେ ପୂର୍ବରୁ ଥିବା କଣ୍ଟାବଣରେ ଆଚ୍ଛାଦିତ ହୁଙ୍କା ଉପରେ ଠିଆ ହେବାମାତ୍ରେ ତା' ଚୀରରୁ ସ୍ୱତଃ କ୍ଷୀର ନିର୍ଗତ ହେବାକୁ ଲାଗେ। କୃଷ୍ଣ ଗାଈ ପଛରେ ଯାଇ ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇ ଥିଲେ। ଉକ୍ତ ସ୍ଥାନରେ କ'ଣ ମାହାତ୍ମ୍ୟ ଅଛି ଜାଣିବାକୁ ସେ ହୁଙ୍କାକୁ ଆଘାତ କଲେ। ହୁଙ୍କାଟି ଭାଙ୍ଗିଯିବାରୁ ସେଥିରେ ଏକ ଲିଙ୍ଗ ଶକ୍ତି ଥିବା ଦେଖି ତାଙ୍କ ଛତାକୁ ସେଠାରେ ପୋତିଦେଇ ଗ୍ରାମକୁ ଆସି ସମସ୍ତ ଯାଦବଙ୍କୁ ଜଣାଇଥିଲେ। ସମସ୍ତ ଯାଦବ ଏକାଠି ହୋଇ ୧୮ ଦେଶ ସ୍ଥାପନ କରିବା ସହିତ ଶ୍ରୀ ଶଙ୍କରେଶ୍ୱର ନାମରେ ପ୍ରତିଷ୍ଠା କରି 'କ୍ଷୀରସାଗର' ରୂପେ ପ୍ରଭୁଙ୍କ ଜନ୍ମଦିନ ପାଳନ କରିଥିଲେ। ସେବେଠୁ ଏହି ପରମ୍ପରା ଚାଲିଆସୁଛି।

## ସଂକ୍ଷେପରେ

### ଭୋଟ ପାଇଁ ଟଙ୍କା ବଣ୍ଟନ ଭିଡିଓ ଭାଇରାଲ

**ନିରାକାରପୁର,୨୩ା୫(ମାନସ ଚନ୍ଦ୍ର ପଟ୍ଟନାୟକ):** ଆସନ୍ତା ୨୫ ତାରିଖରେ ଭୁବନେଶ୍ୱର ଲୋକ ସଭା ଓ ଏହା ଅନ୍ତର୍ଗତ ୭ ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ ହେବ। ନିର୍ବାଚନରେ ଯେପରି ସ୍ୱଚ୍ଛତା ରହିବ, କେଉଁଦଳ କାହାରିକୁ ବିଭିନ୍ନ ମାଧ୍ୟମରେ ପ୍ରଲୋଭିତ କରିପାରିବେ ନାହିଁ ସେଥିପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ରହିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଟିମ୍ ଗଠନ କରାଯାଇଛି। ହେଲେ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ଗୁରୁବାର ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତରେ କେତେଜଣ ମହିଳା ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ୍ ଦେବା ପାଇଁ ଟଙ୍କା ବାଣ୍ଟୁଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଟାଙ୍ଗୀରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

**ଟାଙ୍ଗୀ,୨୩ା୫ (ରଘୁନାଥ ସାହୁ):** ଗୁରୁବାର ପ୍ରଚାରର ଶେଷ ଦିବସରେ ଭାଜପାର ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଏବଂ ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ସମର୍ଥକଙ୍କ ସହ ଜୋରଦାର ପ୍ରଚାର କରିଛନ୍ତି। ଟାଙ୍ଗୀ ପଞ୍ଚାୟତର ସମସ୍ତ ୱାର୍ଡ ପରିକ୍ରମା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଦୁଇ ଥର ପଦ୍ମ ଚିହ୍ନରେ ମତଦାନ କରି ବିକାଶରେ ସାମିଲ ହେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ସରପଞ୍ଚ କିଶୋର କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ଆଇନଜୀବୀ ନକୁଳ ନାୟକ, ଚିନ୍ମୟ ପୃଷ୍ଟି, ବିଶ୍ୱରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟାଧରଙ୍କ ସ୍ମୃତିସଭା

**ବୋଲଗଡ଼,୨୩ା୫(ଦେବବ୍ରତ ହୋତା):** ବୋଲଗଡ଼ ବାମନ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ଷଡ଼ଙ୍ଗୀଙ୍କ ଦ୍ୱାଦଶାହ ଅବସରରେ ଘୋରଡିଆଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ହରିବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଶିକ୍ଷକତା ସମୟରେ ତାଙ୍କର କାର୍ଯ୍ୟକୁ ନେଇ ଉପସ୍ଥିତ ଅତିଥିମାନେ ଶ୍ରଦ୍ଧାସୁମନ ପୂର୍ବକ ଗୁଣଗାନ କରିଥିଲେ। ରଘୁନାଥ ଦଳବେହେରା, ଅଚ୍ୟୁତ ସାହୁ, ଲଛମନ ପରିଡ଼ା, ଗଦାଧର ନନ୍ଦ, ବ୍ରଜବନ୍ଧୁ ସାମନ୍ତରାୟ, ପ୍ରଭାକର ସାହୁ, ଭକ୍ତବଲ୍ଲଭ ପଟ୍ଟନାୟକ, ରାଧାଶ୍ୟାମ ରାୟଗୁରୁ, ଗୋପୀନାଥ ଖାଡଙ୍ଗା, ବିଭୂତି ଭୂଷଣ ଆଚାର୍ଯ୍ୟ, ରଘୁନାଥ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ଲୋକନାଥ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ବେଗୁନିଆ,୨୩ା୫(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ସାରୁଅ-ବାଘମାରୀ ମଧ୍ୟରେ ଥିବା ଶଙ୍ଖ ନିକଟରେ ବୁଧବାର ପୂର୍ବାହ୍ନରେ ଏକ ବାଇକ୍ ଏବଂ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ହେଲେ ବାଘମାରୀ ଥାନାରେ ଏନେଇ କୌଣସି ଅଭିଯୋଗ ହୋଇନାହିଁ।

# ଚାପମୁକ୍ତ ହୋଇ ମତଦାନ ପାଇଁ ଜିଲାପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୨୩ା୫(ଶର୍ମିଷ୍ଠା ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ ହେବ। ଶ୍ରେଷ୍ଠ ଗଣତାନ୍ତ୍ରିକ ପରମ୍ପରାର ସମ୍ମାନ ବଜାୟ ରଖିବା ନିମନ୍ତେ ମତଦାନ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଭୋଟରମାନେ ଭୋଟର ହେଲ୍ପଲାଇନ୍ ଆପ୍ ମାଧ୍ୟମରେ ଭୋଟର ତାଲିକାରେ ଥିବା ନିଜ କ୍ରମିକ ଓ ଭାଗ ସଂଖ୍ୟା ଜାଣିବାର ସୁବିଧା ରହିଛି । ସେହିଭଳି ଜିଲାର ମତଦାତାମାନେ 'ମୋ ବୁଥ୍' ଆପ୍ ମାଧ୍ୟମରେ ବୁଥ୍‌ର ଅବସ୍ଥିତି, ସେଠାକୁ ଯିବା ପାଇଁ ମାର୍ଗ ଏବଂ ସମାନ ସମୟ ମଧ୍ୟରେ ଧାଡ଼ି ହୋଇ ଛିଡ଼ା ହୋଇଥିବା ମତଦାତାଙ୍କ ସଂଖ୍ୟା ଜାଣିପାରିବେ। ଏତଦ୍‌ବ୍ୟତୀତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ସର୍ବତ, ଶିଶୁଙ୍କ ପାଇଁ କ୍ରେଚ୍, ପ୍ରତୀକ୍ଷା ଗୃହ, ଶୌଚାଳୟ, ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ୍ ଚେୟାର, ବୟସ୍କଙ୍କ ପାଇଁ ଚେୟାରର ବ୍ୟବସ୍ଥା କରାଯାଇଥିବା ଜିଲାପାଳ ରାଣା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ନିର୍ବାଚନ ନିମନ୍ତେ ଜିଲାରେ ଗତ ଦୁଇବର୍ଷ ଧରି ପ୍ରସ୍ତୁତି ଜାରି ରହିଛି ଏବଂ ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରାୟ ୧୫ ହଜାର ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ଜିଲାର ୧୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍, ୮ଟି ଦିବ୍ୟାଙ୍ଗ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏବଂ ଯୁବ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ୪୦ଟି ଯୁବ ବୁଥ୍ ଥିବାବେଳେ ୩୮୪ଟି ଆଦର୍ଶ ଓ ଇକୋ-ଫ୍ରେଣ୍ଡଲି ବୁଥ୍ ରହିଛି। ଜାତି, ଧର୍ମ, ବର୍ଣ୍ଣରୁ ଉର୍ଦ୍ଧ୍ୱରେ ରହି କୌଣସି ଭୟ, ଲୋଭ କିମ୍ବା ଚାପର ବଶବର୍ତ୍ତୀ ନ ହୋଇ ନିଜ ଦେଶ ଓ ସମ୍ବିଧାନର ସମ୍ମାନ ପାଇଁ ନିଜର ଶ୍ରେଷ୍ଠ ଅଧିକାର 'ମତଦାନ' କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

## ବୁଥ୍‌କୁ ଗଲେ ପୋଲିଂପାର୍ଟି

**ଖୋର୍ଦ୍ଧା,୨୩ା୫(ପ୍ରଭାତ ପାଣିଗ୍ରାହୀ)**



ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା ଜିଲାରେ ମତଦାନ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ୧୯୨୩ ବୁଥ କେନ୍ଦ୍ରରେ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ମତଦାନ ସାବ୍ୟସ୍ତ କରିବେ। ଗୁରୁବାରଠାରୁ ନିର୍ବାଚନରେ ନିୟୋଜିତ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରମାନେ ବୁଥକେନ୍ଦ୍ର ଅଭିମୁଖେ ଯାତ୍ରା କରିଥିଲେ। ଜିଲାର ୩ଟି ସ୍ଥାନରେ ଷ୍ଟ୍ରଙ୍ଗରୁମ୍ କରାଯାଇଛି। ଖୋର୍ଦ୍ଧା ଓ ବେଗୁନିଆ ପାଇଁ ଜିଲା ପଣ୍ୟାଗାର, ଚିଲିକା ପାଇଁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଭୁବନେଶ୍ୱର ଏକାମ୍ର, ମଧ୍ୟ, ଉତ୍ତର, ଜୟଦେବ ଓ ଜଟଣୀ ଆଦି ନିର୍ବାଚନ ମଣ୍ଡଳୀ ପାଇଁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟ୍ରଙ୍ଗରୁମ୍ କରାଯାଇଛି। ଏହି ସ୍ଥାନରୁ ପୋଲିଂ ଅଧିକାରୀମାନେ ଇଭିଏମ, ଭିଭିପିଏଟି ଧରି ନିର୍ଦ୍ଧାରିତ ବୁଥକେନ୍ଦ୍ରକୁ ଯାତ୍ରା କରିଛନ୍ତି। ମତଦାନ ସରିବା ପରେ ଇଭିଏମ ଏବଂ ଭିଭିପିଏଟି ସମ୍ପୃକ୍ତ ଷ୍ଟ୍ରଙ୍ଗରୁମକୁ ଫେରିବ। ପୋଲିଂ ଅଧିକାରୀମାନେ ଯାତ୍ରା କରିବା ବେଳେ ସମସ୍ତ ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସରମାନେ ଉପସ୍ଥିତ ରହି ମନିଟରିଙ୍ଗ କରିଥିଲେ। ଜିଲା ପଣ୍ୟାଗାରରେ ଖୋର୍ଦ୍ଧା ରିଟର୍ନିଂ ଅଫିସର ଦୀପ୍ତିରଞ୍ଜନ ସେଠୀ, ପିଏନ୍ କଲେଜଠାରେ ଚିଲିକାର ରିଟର୍ନିଂ ଅଫିସର ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜୟଦେବର ଭୁବନେଶ୍ୱର ଆଡିଶନାଲ ଉପଜିଲାପାଳ ନୀତିଶ ତ୍ରିପାଠୀ, ଭୁବନେଶ୍ୱର(ମଧ୍ୟ) ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉତ୍ତର ଓ ଏକାମ୍ର ରିଟର୍ନିଂ ଅଫିସର ଭୁବନେଶ୍ୱର ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ଜଟଣୀର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ଶୃଙ୍ଖଳିତ, ଅବାଧ ନିରପେକ୍ଷ ନିର୍ବାଚନ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ୧୯୨୩ ବୁଥ ମଧ୍ୟରୁ ଖୋର୍ଦ୍ଧାରେ ୭୯୧ ଏବଂ ବିଏମସିରେ ୧୧୩୨ ବୁଥ ରହିଛି। ନିର୍ବାଚନ ପରିଚାଳନରେ ୧୩ହଜାରରୁ ଉର୍ଦ୍ଧ୍ୱ ପୋଲିଂ ଅଧିକାରୀ ନିୟୋଜିତ ଅଛନ୍ତି। ଗୁରୁବାର ଜୟଦେବ, ଜଟଣୀ, ବେଗୁନିଆ ଓ ଚିଲିକା ପୋଲିଂ ଅଧିକାରୀମାନେ ନିଜ ବୁଥ କେନ୍ଦ୍ରରେ ପହଞ୍ଚିଛନ୍ତି। ଶୁକ୍ରବାର ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର ଓ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀ, ଏଥିସହିତ ସଖୀ ମତଦାନ କେନ୍ଦ୍ର ମହିଳା, ଦିବ୍ୟାଙ୍ଗ ମତଦାନ କେନ୍ଦ୍ରର ପୋଲିଂ ଅଧିକାରୀମାନେ ନିଜ ବୁଥକୁ ଯିବେ ବୋଲି ଜିଲାପାଳ କହିଛନ୍ତି।

## ବିଜେଡିରେ ମିଶିଲେ ପ୍ରତିମାରାଣୀ

**ବୋଲଗଡ,୨୩ା୫(ଦେବବ୍ରତ ହୋତା)**

ବେଗୁନିଆ ନିର୍ବାଚନମଣ୍ଡଳୀର ନାରୀନେତ୍ରୀ ପ୍ରତିମାରାଣୀ ସାହୁ ଗୁରୁବାର ବିଜେଡିରେ ଯୋଗଦେଇଛନ୍ତି। ବାଘମାରୀସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କ ଉପସ୍ଥିତିରେ ପ୍ରତିମାରାଣୀ ଦଳରେ ଯୋଗଦେଇଥିଲେ। ଏଥିସହ ତାଙ୍କର ୨ଶହରୁ ଉର୍ଦ୍ଧ୍ୱ ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ସୂଚନାଥାଉ କି, ପ୍ରତିମାରାଣୀ ପିଚୁକୁଳି ମଣ୍ଡଳ ଭାଜପାର ସଭାନେତ୍ରୀ ଏବଂ ଖୋର୍ଦ୍ଧା ଜିଲା ଭାଜପା ମହିଳା କମିଟିର ଉପସଭାନେତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ତ୍ରିସ୍ତରୀୟ ନିର୍ବାଚନରେ ସେ ବୋଲଗଡ଼ ବ୍ଲକ ଅଞ୍ଚଳର ୨୭ନମ୍ବର ଜିଲା ପରିଷଦସଭ୍ୟା ପଦ ପାଇଁ ନିର୍ବାଚନ ଲଢ଼ି ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲେ, ଯାହାକି ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ଟି ଜୋନ ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଧିକ। ଦଳରେ ତାଙ୍କୁ ଅବହେଳା ଯୋଗୁ ଗତ ୨୧ତାରିଖରେ ସେ ଭାଜପାରୁ ଇସ୍ତଫା ଦେଇଥିଲେ। ବିଜେଡିରେ ଯୋଗଦାନ ଅବସରରେ ପ୍ରତିମାରାଣୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା ତାଙ୍କୁ ଏହି ଦଳରେ ଯୋଗଦେବା ନେଇ ଅନୁପ୍ରାଣିତ କରିଛି। ଏହି କାର୍ଯ୍ୟକ୍ରମରେ ବିଜେଡିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ସାଧାରଣ ନିର୍ବାଚନ ପୂର୍ବରୁ ଗୁରୁବାର କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷା ବଳ ଓ ପୋଲିସ ପକ୍ଷରୁ ମିଳିତଭାବେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**କୃଷ୍ଣପ୍ରସାଦ,୨୩ା୫(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ ନିର୍ବାଚନରେ ସ୍ୱଚ୍ଛତା, ଶାନ୍ତିଶୃଙ୍ଖଳା ସହ ଅବାଧମୁକ୍ତ ମତଦାନ ପାଇଁ ଗୁରୁବାର କୃଷ୍ଣପ୍ରସାଦ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସିଆଣ୍ଡି ପଞ୍ଚାୟତର ଗୋପାଳପୁର, ସିଆଳ ପଞ୍ଚାୟତର କହ୍ନେଇପୁର, ମୋରଡା ଏବଂ ମାଲୁଦ ଆଦି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସବଇନ୍‌ସ୍ପେକ୍ଟର ଚନ୍ଦ୍ରଶେଖର ନାୟକ, ସବଇନ୍‌ସ୍ପେକ୍ଟର ସୁଜିତ କୁମାର ସାହୁ, ଏଏସ୍‌ଆଇ ସୁବ୍ରତ କୁମାର ନାୟକଙ୍କ ସମେତ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଓ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଭୋଟରମାନେ ଭୟଭୀତ ନ ହୋଇ ନିଜର ମତଦାନ ସାବ୍ୟସ୍ତ କରିବାକୁ ସଚେତନ କରାଯାଇଥିଲା।



ନିରାକାରପୁର ରେଲୱେ ଫାଟକ ନିକଟରେ ଗୁରୁବାର ଏକ ଟ୍ରକ୍ ଖରାପ ହୋଇଯିବାରୁ ରାସ୍ତାରେ ଯାନବାହନ ଅଟକି ରହିଛି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

## ସରିଲା ପ୍ରଚାର, ୨୫ରେ ମତଦାନ

**ଖୋର୍ଦ୍ଧା,୨୩ା୫(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ଥିଲା ପ୍ରଚାରର ଶେଷ ଦିବସ। ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ବିଜେଡି ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ୟାସିର ନୱାଜ ଏବଂ ଅନ୍ୟ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଛନ୍ତି। ସେହିପରି ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଭାଜପାରୁ ପ୍ରଶାନ୍ତ ଜଗଦ୍ଦେବ, ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ, କଂଗ୍ରେସର ସୋନାଲି ସାହୁ, ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ପ୍ରମୁଖ ସମର୍ଥକଙ୍କ ସହ ଜୋରଦାର ପ୍ରଚାର କରିଥିଲେ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାଣପୁରରେ ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ଚିଲିକା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି କଂଗ୍ରେସର ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ସମର୍ଥକମାନଙ୍କ ସହ ଘରଘର ବୁଲି ହାତ ଚିହ୍ନରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବେଗୁନିଆ, ଜଟଣୀ, ଜୟଦେବ, ଭୁବନେଶ୍ୱର ଏକାମ୍ର, ମଧ୍ୟ ଏବଂ ଉତ୍ତର ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳର ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଥିଲେ। ଆସନ୍ତା ୨୫ ତାରିଖରେ ମତଦାନ ହେବ। ତେବେ ସବୁଠି ତ୍ରିମୁଖୀ ଲଢେଇ ହେବା ନେଇ ସମ୍ଭାବନା ରହିଛି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୨୩ା୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅଧୀନ ଗଙ୍ଗପଡା ଗ୍ରାମଡ଼ିହସ୍ଥିତ ମା'ଗମେଇଙ୍କ ପୀଠରେ ଅନୁଷ୍ଠିତ ୧୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୪ଦିନ ଧରି ଅନୁଷ୍ଠିତ ଯଜ୍ଞ ଉତ୍ସବରେ ପ୍ରତିଦିନ ପଣ୍ଡିତମାନଙ୍କ ଦ୍ୱାରା ବେଦ ମନ୍ତ୍ର ଉଚ୍ଚାରଣରେ ଉକ୍ତ ଅଞ୍ଚଳରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ଅଞ୍ଚଳର ଶତାଧିକ ମହିଳା ଏବଂ ପୁରୁଷ ସାମିଲ ହୋଇ ଜଗତ କଲ୍ୟାଣ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ସତ୍ୟ, ଧର୍ମ ଓ ଶାନ୍ତିର ପ୍ରତୀକ ଭାଗବତ

**ଜିଲାସ୍ତରୀୟ ଭାଗବତ ସମ୍ମିଳନୀ ଉଦ୍‌ଘାଟିତ**

**ବେଗୁନିଆ,୨୩ା୫(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ଜିଲାସ୍ତରୀୟ ଭାଗବତ ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ କଟକ, ପୁରୀ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ପଣ୍ଡିତ ବିଦ୍ୱାନ ଗଣ ଏବଂ ଶ୍ରଦ୍ଧାଳୁମାନେ ଏକାଠି ହୋଇଛନ୍ତି। ଗ୍ରାମର ଭାଗବତ ଦେବଙ୍କ ପୀଠ ପରିସରରେ ଦୁଇଦିନ ଧରି ଭାଗବତ ପୁରାଣ ପଠନ ଓ ଚର୍ଚ୍ଚା କରିବା ପାଇଁ ସ୍ଥିର କରାଯାଇଛି। ଉପସ୍ଥିତ ପଣ୍ଡିତ ବିଦ୍ୱାନମାନେ ଭାଗବତ ପୁରାଣର ମୂଳ ଲକ୍ଷ୍ୟ ଓ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ଧର୍ମର ମୂଳ ମନ୍ତ୍ର ହେଉଛି 'ଭାଗବତ'। ଅଷ୍ଟାଦଶ ମହାପୁରାଣ ମଧ୍ୟରେ ଶ୍ରେଷ୍ଠ ତଥା ହିନ୍ଦୁ ଧର୍ମର ମୂଳଗ୍ରନ୍ଥ ହେଉଛି ଭାଗବତ। ଆନ୍ତରିକତା ଅଭାବ ଆଧୁନିକତାର ଚାକଚକ୍ୟ ମଧ୍ୟରେ ଏବେ ଅଲୋଡା ହୋଇପଡିଛି। ଭାଗବତ ପଠନ ଦ୍ୱାରା ପ୍ରତ୍ୟେକ ମଣିଷର କ୍ଳାନ୍ତ ଦୂର ହୋଇପାରିବ। ତେବେ ଏହି ଗ୍ରନ୍ଥରେ ସତ୍ୟ, ଧର୍ମ ଓ ଶାନ୍ତିର ପ୍ରତୀକ ପରିପୂର୍ଣ୍ଣ ହୋଇ ରହିଛି। ତେବେ ସଭିଏଁ ଭାଗବତ ପଠନ କରିବା ନିହାତି ଲୋଡା ବୋଲି ଆହ୍ୱାନ ଦିଆଯାଇଥିଲା। ଏକାଦଶ ସ୍କନ୍ଧର ଦ୍ୱାଦଶ ଅଧ୍ୟାୟ 'ସତସଙ୍ଗର ମହିମା' ବିଷୟରେ ଆଲୋଚନା ହୋଇଥିଲା।

## ସୁଯୋଗ ଦେଲେ ୫୦ବର୍ଷ ପାଇଁ ବ୍ୟବସ୍ଥା କରିବି: ସନ୍ତୋଷ

**ଜଟଣୀ,୨୩ା୫(ରବୀନ୍ଦ୍ରନାଥ ମହାକୁଡ଼)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ଥିଲା ପ୍ରଚାରର ଶେଷ ଦିବସ। ବିଭିନ୍ନ ଦଳର ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ପୌରପରିଷଦ ଛକସ୍ଥିତ ଜଟଣୀ ନିର୍ବାଚନ ମଣ୍ଡଳୀ କଂଗ୍ରେସ କାର୍ଯ୍ୟାଳୟ ପରିସରରେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ଯୋଗଦେଇ ଆସନ୍ତା ୨୫ତାରିଖରେ ମତଦାନ କରିବା ପାଇଁ ସମସ୍ତ ଭୋଟରଙ୍କୁ ନିବେଦନ କରିଛନ୍ତି। ଏକ ସୁସ୍ଥ, ସୁନ୍ଦର ଏବଂ ଦୁର୍ନୀତି ମୁକ୍ତ ଜଟଣୀ ଗଢ଼ିବାକୁ ହେଲେ ଉଚିତ୍ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ ସମାଜର ମଙ୍ଗଳ ପାଇଁ ସର୍ବଦା କାର୍ଯ୍ୟ କରିଆସୁଛନ୍ତି। ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ରହିଲେ ସେ ୫ବର୍ଷରେ ୫୦ବର୍ଷ ପାଇଁ ସମସ୍ତ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଏଥିସହ ସେ ତାଙ୍କ ସପକ୍ଷରେ ଭୋଟଦେବା ପାଇଁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ଜଟଣୀର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ନୌସର ଅଲ୍ଲୀ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଜଟଣୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ସୂଚନା ଦେଉଛନ୍ତି।

## କଟକଣା ସତ୍ତ୍ୱେ ଦିବାରାତ୍ରି ଚାଲିଛି କ୍ରଶର

**ଖୋର୍ଦ୍ଧା,୨୩ା୫(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧାରେ ଛତୁ ଫୁଟିବା ଭଳି କ୍ରଶରୟୁନିଟ୍ ଗଢ଼ି ଉଠୁଛି। ଦିନରାତି କ୍ରଶର ଚାଲିବା ଫଳରେ ବାୟୁ ପ୍ରଦୂଷଣ ବଢୁଛି। ଗଛଲତାରେ ଧୂଳି ଆସ୍ତରଣ ଜମୁଛି। ସରକାରୀସ୍ତରରେ ପ୍ରାୟ ୧୦୦ଟି କ୍ରଶରକୁ ଅନୁମତି ଦିଆଯାଇଥିବା ବେଳେ ଶତାଧିକ କ୍ରଶର ବେଆଇନ ଭାବେ ଚାଲୁଛି। କ୍ରଶର ଚଳାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି, ହେଲେ ଏହାକୁ ଅଧିକାଂଶ କ୍ରଶର ମାଲିକ ଅଣଦେଖା କରୁଛନ୍ତି। କ୍ରଶରଜନିତ ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ୧୨ଘଣ୍ଟା କ୍ରଶର ବନ୍ଦ ରଖିବା ଲାଗି ସମସ୍ତ କ୍ରଶରମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସତ୍ତ୍ୱେ କେତେଜଣ କ୍ରଶର ମାଲିକ ବେଧଡ଼କ ଭାବେ ଦିବାରାତ୍ର ଚଳାଉଛନ୍ତି। ଅଧିକାଂଶ କ୍ରଶର ଚାରିପଟେ ପାଚେରି ନ ଥିବାବେଳେ ନିୟମିତ ପାଣି ସିଞ୍ଚନ କରାଯାଉନାହିଁ। ସେହିପରି ଚାରାରୋପଣ ମଧ୍ୟ କରାଯାଉନାହିଁ। ସ୍ପିଙ୍କଲର ପାଇପ୍ ଯୋଗେ କ୍ରଶର ୟୁନିଟରେ ପାଣି ସିଞ୍ଚନ ଲାଗି ତାଗିଦା ସତ୍ତ୍ୱେ ମାନୁନାହାନ୍ତି। ଫଳରେ ଏହି ଅଞ୍ଚଳରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। କ୍ରଶର ଚଳାଇବା ପାଇଁ ରହିଥିବା ନିୟମ କଡ଼ାକଡ଼ି ପାଳନ ଲାଗି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ତାଗିଦା କରିଥିଲେ। ଗତ ଜାନୁଆରୀ ପହିଲାରୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସଂଘକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେହି ସମୟରେ କେତେକ କ୍ରଶର ୟୁନିଟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କ୍ରଶର ସଂଘ ପକ୍ଷରୁ ହ୍ୱିପ୍ ଜାରି କରାଯାଇଥିଲା। ପ୍ରଶାସନର ତାଗିଦା ସତ୍ତ୍ୱେ ବେଧଡ଼କ ଭାବେ ରାଜପଥ ପାର୍ଶ୍ୱରେ ଦିବାରାତ୍ର ପଥର ବ୍ଲାଷ୍ଟିଂ, କ୍ରଶର ଚାଲୁଥିବା ଦେଖିବାକୁ ମିଳୁଛି। ବେଆଇନ ଭାବେ ଶତାଧିକ କ୍ରଶର ଚାଲିଥିବା ବେଳେ ସରକାର ରାଜସ୍ୱ ହରାଇବା ସହ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। କ୍ରଶର ୟୁନିଟ୍ ଉପରେ ଅଙ୍କୁଶ ନ ଲାଗିଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରିଛନ୍ତି। ଏନେଇ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, କ୍ରଶର ମାଲିକ ସଂଘ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ଗତ ଜାନୁଆରୀ ୩୧ ତାରିଖ ମଧ୍ୟରେ ଉପରୋକ୍ତ ବ୍ୟବସ୍ଥା ଲାଗି ତାଗିଦା କରାଯାଇଥିଲା। ନିୟମ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

